

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୬ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 06 JANUARY 2021

Vol.No. 31 ■ No. 06 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ ...

ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବିଧାନସଭା ଷ୍ଟାଣ୍ଡିଂ କମିଟି-୪ର ବୈଠକ

ଭୁବନେଶ୍ୱର,୦୫।୦୧ (ନି.ପ୍ର): ଓଡ଼ିଶା ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୪ର ବୈଠକ ବିଧାନସଭା ପରିସରସ୍ଥ ୫୪ ନଂ. ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଭୂପିନ୍ଦର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର କ୍ଷେତ୍ର ପରିଦର୍ଶନରେ ଯାଇ କମିଟି ଯେଉଁ ମତାମତ ଦେଇଥିଲେ ତାହା ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ବିଧାୟକ ବିଜୟ ରଂଜନ ସିଂ ବରିହା, ନିତ୍ୟାନନ୍ଦ ସାହୁ, ଦେବେଶ ଆଚାର୍ଯ୍ୟ, ସୀମାରାଣୀ ନାୟକ, ସୁଶାନ୍ତ କୁମାର ବେହେରା, ବିଷ୍ଣୁବ୍ରତ ରାଉତରାୟ, ସୁନନ୍ଦା ଦାସ, ପ୍ରକାଶ ଚନ୍ଦ୍ର ମାଝୀ, ଶଙ୍କର ଓରାମ, ଆଦିତ୍ୟ ମାର୍ଡ଼ି, ମୁକେଶ କୁମାର ପାଳଙ୍କ ସମେତ ବିଧାନସଭା ସଚିବ ଦାଶରଥି ଶତପଥି ଓ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

୩ ମାସ ପାଇଁ ଆନ୍ଦୋଳନ ସ୍ଥଗିତ ରଖିଲେ ନର୍ସିଂ ଅଧିକାରୀ

ଭୁବନେଶ୍ୱର ,୦୫।୦୧ (ନି.ପ୍ର): ଓଡ଼ିଶା ନର୍ସିଂ ଏମ୍ପ୍ଲୋଇଜ ଆସୋସିଏସନ ପକ୍ଷରୁ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ଆସନ୍ତା ୩ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ସ୍ୱାସ୍ଥ୍ୟ ବିଭାଗ ର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସହିତ ଆସୋସିଏସନର ହୋଇଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାଭିତିରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି ଜଣାଇଛନ୍ତି । ଶ୍ରୀମତୀ ମହାନ୍ତି ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ନର୍ସିଂ ଅଧିକାରୀମାନେ କରୋନାଠାରୁ ଆରମ୍ଭ କରି ବନ୍ୟା, ବାତ୍ୟା ଆଦି ସମୟରେ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବା ସୁଶ୍ରୁଷା କରିଥାନ୍ତି ।ମୂଳ ଦରମାର ସଂଶୋଧନ ଠାରୁ ଆରମ୍ଭ କରି ଠିକା ନିଯୁକ୍ତିକୁ ମିଶାଇ ୧୦ ବର୍ଷର 'ଏମ୍ଏସିପି' ପ୍ରଦାନ,

▶▶ପୃଷ୍ଠା ୭

ବୋଥ୍ରାଙ୍କୁ ଝଟ୍‌କା : ଗିରଫ ଅଭିଯୁକ୍ତ ନାବାଳକ

ନୟାଗଡ଼,୦୫।୦୧ (ନି.ପ୍ର): ବହୁ ଚର୍ଚ୍ଚିତ ନୟାଗଡ଼ ଯଦୁପୁର ପରୀ ହତ୍ୟା ମାମଲାରେ ନୂଆ ମୋଡ଼ ନେଇଛି । ଏସ୍ ?ଆଇଟି ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତକୁ ନାବାଳକ ଦର୍ଶାଇଛନ୍ତି ପୋକ୍ସୋ କୋର୍ଟ । ଅଭିଯୁକ୍ତ ନାବାଳକ ହୋଇଥିବାରୁ ନାର୍କୋ ଟେଷ୍ଟ ଆବେଦନ ଖାରଜ କରିଛନ୍ତି କୋର୍ଟ। ନାର୍କୋ ଆନାଲିସିସ୍ ଟେଷ୍ଟ ଅପିଲ ଖାରଜ କଲେ କୋର୍ଟ। ନାର୍କୋ ଟେଷ୍ଟ ଅପିଲକୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଗଲା । ଅଭିଯୁକ୍ତକୁ କୋର୍ଟ ନାବାଳକ କହିବା ପରେ ଅରୁଣ ବୋଥ୍ରାଙ୍କୁ ଜବରଦସ୍ତ ଝଟକା ଲାଗିଛି । ଅଭିଯୁକ୍ତକୁ ସାବାଳକ ଦର୍ଶାଇ କୋର୍ଟ ଚାଲାଣ କରିଥିଲା । ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅଭିଯୁକ୍ତଙ୍କ ଓକିଲ । ଏପରିକି ଅଭିଯୁକ୍ତଙ୍କ ଜନ୍ମ ପ୍ରମାଣପତ୍ର ଓ ମ୍ୟାଟ୍ରିକ ସାର୍ଟିଫିକେଟ ଦାଖଲ କରିଥିଲେ। ପ୍ରମାଣ ପାଇଲା ପରେ ଅଭିଯୁକ୍ତକୁ ନାବାଳକ ଦର୍ଶାଇଲେ କୋର୍ଟ। ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୧ ତାରିଖରେ ମୁଖ୍ୟ ଅରୁଣ ବୋଥ୍ରା କହିଥିଲେ ଯେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଅଛି। ତେଣୁ ସବୁ ପ୍ରମାଣ ପାଇବା ପରେ ହିଁ ଅଭିଯୁକ୍ତ ଗିରଫ କରିଛୁ। ଘଟଣାରେ ଗିରଫ ବ୍ୟକ୍ତି ହିଁ ହେଉଛନ୍ତି ପରୀ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଏବଂ ସେ ଜଣେ ସାବାଳକ ବୋଲି ବୋଥ୍ରା ଦର୍ଶାଇଥିଲେ । ଆଜକୁ ୫ ମାସ ତଳେ ୫ ବର୍ଷର ଝିଅ ପରୀକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଏଥିରେ ମନ୍ତ୍ରୀ ଅରୁଣ ସାହୁ ଓ ତାଙ୍କ ସହଯୋଗୀ ବାବୁଲିର ହାତ ଥିବା 'ପରୀ'ର ବାପା-ମାଆ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ 'ପରୀ'ର ବାପା-ମାଆଙ୍କୁ ନାନା ହଇରାଣ କରୁଥିଲା । ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରୁନଥିଲା । ଅନ୍ୟପକ୍ଷରେ ପରୀଙ୍କ ମାଆଙ୍କୁ ପୁଲିସ ମାଡ଼ ମାରୁଥିବା ଅଭିଯୋଗ ହୋଇଥିଲା । ଏନେଇ ପରୀଙ୍କ ମାଆ ଅଭିଯୋଗ କରିଥିଲେ। ପୁଲିସ ପ୍ରଶାସନଠାରୁ ନିରାଶ ହେବା ପରେ 'ପରୀ'ର ବାପା-ମାଆ ଭୁବନେଶ୍ୱର ଚାଲି ଆସିଥିଲେ। ସେମାନେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଧମକ ଦେଇଥିଲେ। ତମ୍ବି ତୋଫାନ୍ ପରେ ରାଜ୍ୟ ସରକାର ଏସ୍ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

ମାହାଙ୍ଗା ଡବଲ ମର୍ଡର ମାମଲାରେ ୪ ଗିରଫ

ସାଲେପୁର,୦୫।୦୧ (ନି.ପ୍ର): ବିଜେପି ନେତା ତଥା ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ହତ୍ୟା ମାମଲାରେ କଟକ ଗ୍ରାମାଞ୍ଚଳ ପୁଲିସ୍ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏପରିକି ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଜବତ କରାଯାଇଛି । ଘଟଣାର ତଦନ୍ତ ଚାଲୁ ରହିଛି ବୋଲି ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋର କହିଛନ୍ତି । ଶନିବାର ସଞ୍ଜ ବେଳେ କୁଳମଣି ଓ ତାଙ୍କ ସହଯୋଗୀ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ତାଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା । ଫଳରେ ଘଟଣାସ୍ଥଳରେ କୁଳମଣିଙ୍କର ମୃତ୍ୟୁ ଘଟିଥିବା ବେଳେ ବଡ଼ ମେଡିକାଲ୍ ?ରେ ଦିବ୍ୟସିଂହଙ୍କର ମୃତ୍ୟୁ ଘଟିଥିଲା । ଏହାକୁ ନେଇ ମାହାଙ୍ଗାରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲା ବିଜେପି । ସ୍ଥିତି ବିଗୁଡୁଥିବା ଦେଖି ମାମଲାର ତଦନ୍ତ ପାଇଁ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନେତୃତ୍ୱରେ ୫ଟି ଟିମ୍ ଗଠନ କରାଯାଇଥିଲା । ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪ ଅଭିଯୁକ୍ତଙ୍କୁ ରାତି ଅଧିଆ ଉଠାଇ ଆଣି ଅଜ୍ଞାତବାସରେ ରଖି ପଚରାଉଚରା କରିଥିଲା । ଆଜି ମୁଖ୍ୟ ଅଭିଯୁକ୍ତକୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ କରିଛି ମାହାଙ୍ଗା ପୁଲିସ୍ । ପରେ ମୁଖ୍ୟଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଥିବା ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ କିଶୋର କହିଛନ୍ତି ।

ଡିଆଇଜିଙ୍କ ସମେତ ୭ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ବର୍ଷକ ମଧ୍ୟରେ ୧୧୦ ଜଣଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର ,୦୫।୦୧ (ନି.ପ୍ର): ଦୁର୍ନୀତି ଓ ଅପାରଗତା ଯୋଗୁ ରାଜ୍ୟ ସରକାର ମଙ୍ଗଳବାର ପୁଣି ୭ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ଜେଲ ଡି.ଆଇ.ଜି., ଜଣେ କମାଣ୍ଡାଂଟ, ଜଣେ ଡି.ଏସ୍.ପି., ଜଣେ ଡେପୁଟି କମାଣ୍ଡାଂଟ ଥିବା ବେଳେ ୨ ଜଣ ଖଣି ଅଧିକାରୀ ଓ ଜଣେ ସି.ଡି.ପି.ଓ.ରହିଛନ୍ତି । ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଅଧିକାରୀଙ୍କ ମଧ୍ୟ ରହିଛନ୍ତି ଜେଲ ବିଭାଗର ଡି.ଆଇ.ଜି. ଗୋପବନ୍ଧୁ ମଲ୍ଲିକ। ସେ ଜେଲ ୱାର୍ଡର ଚୟନ ନିମନ୍ତେ ଥିବା କମିଟିର ମୁଖ୍ୟ ଭାବରେ ତାଙ୍କ ପଦବୀର ଅପବ୍ୟବହାର କରି ଚୟନ ପ୍ରକ୍ରିୟାରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବାର ଅଭିଯୋଗ ରହିଥିଲା । ଜେଲ ବିଭାଗରେ ତାଙ୍କରକାର୍ଯ୍ୟକଳାପ ସନ୍ତୋଷଜନକ ନ ଥିଲା ଏବଂ ତାଙ୍କର ସାଧୁତା ସନ୍ଦେହମୁକ୍ତ ନ ଥିଲା ।

▶▶ପୃଷ୍ଠା ୭

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୋଚି-ମାଙ୍ଗାଲୁରୁ ପ୍ରାକୃତିକ ଗ୍ୟାସ ପାଇପଲାଇନ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ

କେରଳ ଏବଂ କର୍ଣ୍ଣାଟକବାସୀଙ୍କ ପାଇଁ ସ୍ୱଚ୍ଛ ଇନ୍ଧନର ବିକାଶ ଆଣିବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ ଭୁବନେଶ୍ୱର,୦୫।୦୧ (ନି.ପ୍ର): ଦେଶରେ ଗ୍ୟାସ ଆଧାରିତ ଅର୍ଥନୀତିର ଦ୍ରୁତ ସମ୍ପ୍ରସାରଣ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ କରିବ ଏବଂ ଏହି କାରଣ ପାଇଁ ୱାନ୍ ନେସନ, ୱାନ୍ ଗ୍ରୀଡକୁ ଅଧିକ ପ୍ରଧାନ୍ୟ ଦିଆଯାଉଛି ବୋଲି ମଙ୍ଗଳବାର ଭିଡିଓ କନଫରେନ୍ସିଂ ଜରିଆରେ କୋଚି-ମାଙ୍ଗାଲୁରୁ ପ୍ରାକୃତିକ ଗ୍ୟାସ ପାଇପଲାଇନ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଏହି ପାଇପଲାଇନ କେରଳ ଏବଂ କର୍ଣ୍ଣାଟକର ଲୋକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଏହି ପାଇପଲାଇନ ଏହି ଦୁଇଟି ରାଜ୍ୟର ଅର୍ଥନୀତି ଅଭିବୃଦ୍ଧିରେ ସୁପ୍ରଭାବ ପକାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିପରି ଏହି ଗ୍ୟାସ ପାଇପଲାଇନ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ହେବା ଦେଶର ଗ୍ୟାସ ଆଧାରିତ ଅର୍ଥନୀତି ଯାତ୍ରାରେ ଐତିହାସିକ କ୍ଷଣ ।

ଏହି ମାସ ଶେଷରେ ଟୀକା ଓଡ଼ିଶା ପହଂଚିବ

ଭୁବନେଶ୍ୱର ,୦୫।୦୧ (ନି.ପ୍ର): ଏହି ମାସ ଶେଷରେ ଟୀକା ଓଡ଼ିଶା ପହଂଚିବ ବୋଲି ଆଶା ପ୍ରକାଶ କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ । ସେ କହିଛନ୍ତି ଯେ ଆମର ଟୀକାକରଣ ପାଇଁ ୨୯ ହଜାର ସେସନ ସାଇଟ ଅଛି । ହେଲେ ପ୍ରଥମ ପର୍ଯ୍ୟାୟରେ ଏତେ ଦରକାର ହେବନି । ଗତକାଲି ସ୍ୱାସ୍ଥ୍ୟ ସଚିବ ଏହି ସେସନ ସାଇଟର ଫିଜିବିଲିଟି ଦେଖିବାକୁ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ଚିଠି ଲେଖିଛନ୍ତି । ସେମାନେ ଦେଖିବେ ଯେ ସେସନ ସାଇଟରେ ପ୍ରତୀକ୍ଷା ଗୃହ ରୁମ, ଭ୍ୟାକ୍ସିନେସନ ରୁମ ଓ ଅବଜର୍ଭେସନ ରୁମ ଠିକ ଅଛି ନା ନାହିଁ । ପ୍ରଥମେ ପ୍ରତୀକ୍ଷା ଗୃହ ରେ ଟୀକା ପାଇବା ଚଲୋକଙ୍କ ତଥ୍ୟ ଯାଂଚ ହେବ ଯେ ସେମାନଙ୍କ ନାଁ ଡାଟାବେଶରେ ଅଛି କି ନାହିଁ । ଏହି ପରେ ଭ୍ୟାକ୍ସିନେସନ ରୁମରେ ସେମାନଙ୍କ ବାକି ତଥ୍ୟ ଯାଂଚ ହୋଇ ଟୀକା ଦିଆଯିବ । ତା ପରେ ସେମାନଙ୍କୁ ଅବଜର୍ଭେସନ ରୁମରେ ୩୦ ମିନିଟ ରଖାଯିବ । ଏହା ଭିତରେ ପାର୍ଶ୍ୱ ପ୍ରତିକ୍ରିୟା ନ ଆସିଲେ, ସେମାନଙ୍କୁ ଛଡ଼ା ଯିବ । ଟୀକା ହାତର କାନ୍ଧ ତଳ ଡେଣାରେ ଦିଆଯିବ । ଆଶା କରୁଛୁ ଏହି ମାସ ଶେଷରେ ଟୀକା ଓଡ଼ିଶା ପହଂଚିବ ।

ଗୋଟିଏ ସେକ୍ସନରେ ୨୦ରୁ ୨୫ ପିଲା ପଢ଼ିବେ : ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର ,୦୫।୦୧ (ନି.ପ୍ର): ସାନିଟାଇଜେସନ ଓ ପିଲାଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଉଛି। ଗୋଟିଏ ସେକ୍ସସନରେ ୨୦ରୁ ୨୫ ପିଲା ପଢ଼ିବେ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । ସେ କହିଛନ୍ତି ଯେ ଅଧିକ ପିଲାରେ ଅଧିକ ସେକ୍ସସନ ହେବ। ସାନିଟାଇଜେସନ ଓ ପିଲାଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଉଛି। ଗତକାଲି ଡିଇଓ ମାନଙ୍କ ସହ ସ୍ୱତନ୍ତ୍ର ସଚିବ ବୈଠକ ନେଇଛନ୍ତି। ପ୍ରତି ଜିଲ୍ଲାର ନୋଡାଲ ଅଫିସର ପଲେଇଲେଣି।

▶▶ପୃଷ୍ଠା ୭

୧୧ରୁ ଖୋଲିବ ଉତ୍କଳ ବିଶ୍ୱବିଦ୍ୟାଳୟ

ହଷ୍ଟେଲବାସୀ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିବେ

ଭୁବନେଶ୍ୱର,୦୫।୦୧ (ନି.ପ୍ର): ଆସନ୍ତା ୧୧ ତାରିଖ ଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଖୋଲିବ। ଉତ୍କଳ ବିଶ୍ୱବିଦ୍ୟାଳୟ ଖୋଲିବା ସହ ହଷ୍ଟେଲ ମଧ୍ୟ ଖୋଲିବ। ତେବେ ଅନ୍ତେବାସୀଙ୍କ ପାଇଁ କୋଭିଡ ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ ରହିବ। ତିନିଦିନ ତଳର କୋଭିଡ ନେଗେଟିଭ ରିପୋର୍ଟ ଥିଲେ ହିଁ ଅନ୍ତେବାସୀଙ୍କୁ ହଷ୍ଟେଲରେ ରହିବାକୁ ଅନୁମତି ମିଳିବ ବୋଲି କୁଳପତି ସବିତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏସମ୍ପର୍କରେ ମଙ୍ଗଳବାର ଦିନ ପିଜି କାଉନସିଲ ସମ୍ମିଳନୀ ଗୃହରେ ବିଭାଗୀୟ ମୁଖ୍ୟ ଓ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ କୁଳପତି କହିଛନ୍ତି ଯେ ଯେଉଁମାନଙ୍କ ପାଖରେ ଟେଷ୍ଟ ରିପୋର୍ଟ ନଥିବ ସେମାନଙ୍କ ଲାଗି କ୍ୟାମ୍ପସରେ ଏକ କୋଭିଡ ଟେଷ୍ଟ କ୍ୟାମ୍ପ ଖୋଲାଯିବ। ସେଠାରେ ମାଗଣାରେ ଟେଷ୍ଟ କରାଯାଇ ଛଡ଼ାଯିବ। ପୂରା କ୍ୟାମ୍ପସକୁ ବିଶୋଧନ କରାଯିବ। କୋଭିଡ ନିୟମ ପାଳନ କରାଯାଇ ଶିକ୍ଷାଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ସବିତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଫାୟାର ପାର୍କର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ,୦୫।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ ଭର୍ଚୁଆଲ୍ ମାଧ୍ୟମରେ 'ଫାୟାର ପାର୍କ' ଉଦ୍‌ଘାଟନ କରିବା ସହିତ ଓଡ଼ିଶା ଅଗ୍ନିଶମ ସେବାର ଏକ ପ୍ରଭାବୀ ଅନ୍‌ଲାଇନ୍ ପୋଟାଲ୍ 'ଅଗ୍ନିଶମ ସେବା'ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅନ୍‌ଲାଇନ୍ ସେବା ଜନସାଧାରଣ, ବିଶେଷ କରି ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ମୌଳିକ ଅଗ୍ନି ନିରାପତା ପଦକ୍ଷେପଗୁଡ଼ିକ ଉପରେ ସଚେତନ ଓ ଶିକ୍ଷିତ କରାଇବ । ନାଗରିକମାନଙ୍କୁ ସୁରକ୍ଷା ସଂପର୍କିତ କାର୍ଯ୍ୟ କରିବାରେ ଯଥାର୍ଥ ଦିଗ୍‌ଦର୍ଶନ ଦେବା ପାଇଁ ଏହା ନିଃସନ୍ଦେହରେ ଏକ ଉପଯୁକ୍ତ ଉଦ୍ୟମ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ମୁଖ୍ୟମନ୍ତ୍ରୀ ଅଗ୍ନିଶମ ସେବା ପୋର୍ଟାଲ୍ ମାଧ୍ୟମରେ ୧୬ଟି ସେବା ନାଗରିକମାନଙ୍କୁ ଉପଲବ୍ଧ ହେବ ବୋଲି ଦର୍ଶାଇଛନ୍ତି । ସେ 'ମୋ ସରକାର' ଅଧୀନରେ ଜନସାଧାରଣଙ୍କୁ ଅବାଧ ଓ ସମୟୋପଯୋଗୀ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ ମତାମତ ସଂଗ୍ରହକୁ ଗୁରୁତ୍ୱ ଦେବା ସକାଶେ ଅଗ୍ନିଶମ ବିଭାଗକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ମହାମାରୀରେ ଓଡ଼ିଶା ଅଗ୍ନିଶମ ସେବାର ଭୂମିକାକୁ ଉଚ୍ଚ ପ୍ରଶଂସା କରିବା ସହିତ ଜଟିଳ କୋଭିଡ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ବ୍ୟାପକ ଭାବରେ ପ୍ଲାଜ୍‌ମା ଦାନ କରିଥିବାରୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ସେ ପୁଣି କହିଛନ୍ତି ଯେ ନିରନ୍ତର ଏହି ସେବା କାର୍ଯ୍ୟ କରିବା ସହିତ ଅଗ୍ନିଶମ ସେବା ବିଭାଗ ଗତବର୍ଷ ଅଗଷ୍ଟ ମାସରେ ସଂଘଟିତ 'ଅମ୍ପାନ୍' ବାତ୍ୟା ଓ ଭୟଙ୍କର ବନ୍ୟା ସମୟରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟରେ ମଧ୍ୟ ଯଥେଷ୍ଟ କାର୍ଯ୍ୟ କରିଛି । ମୁଖ୍ୟମନ୍ତ୍ରୀ ଅଗ୍ନିଶମ ବିଭାଗ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରି ସାଧାରଣ ସେବା ବ୍ୟବସ୍ଥାରେ ଆଖିଦୃଶିଆ ପରିବର୍ତ୍ତନ ଆଣିବ ବୋଲି ଆଶା ପ୍ରକଟ କରିଛନ୍ତି। ଫାୟାର ପାର୍କର ଉଦଘାଟନ ଅବସରରେ ଅଗ୍ନିଶମ ଡ଼ିଜି କହିଛନ୍ତି,

▶▶ପୃଷ୍ଠା ୭

ଅରୁଣ ବୋଥ୍ରାଙ୍କୁ ଏସଆଇଟି ମୁଖ୍ୟ ପଦବୀରୁ ହଟାଯାଉ: ସମୀର ମହାନ୍ତି

ଭୁବନେଶ୍ୱର ,୦୫।୦୧ (ନି.ପ୍ର): ରାଜ୍ୟର ବହୁ ଚର୍ଚ୍ଚିତ ପରୀ ହତ୍ୟାକାଣ୍ଡରେ ମନ୍ତ୍ରୀ ଅରୁଣ ସାହୁଙ୍କୁ ସୁରକ୍ଷା ଦେବା ଲାଗି ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରା ତଦନ୍ତକୁ ଦିଗହରା କରିଥିଲେ । ତଦନ୍ତର ନିରପେକ୍ଷତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଥିଲା । ଆଜି ସରୋଜ ସେଠୀଙ୍କୁ ପୋକସୋ କୋର୍ଟ ନାବାଳକ ବୋଲି କହିଛନ୍ତି । କୋର୍ଟଙ୍କ ଶୁଣାଣୀ ପରେ ଅରୁଣ ବୋଥ୍ରା ମିଛୁଆ ବୋଲି ପ୍ରମାଣିତ ହୋଇଛନ୍ତି । ଏସଆଇଟିର ମୁଖ୍ୟ ଭାବେ ଅରୁଣ ବୋଥ୍ରା ନ୍ୟାୟିକ ପ୍ରକ୍ରି

ଜିଲ୍ଲା ମତ୍ସ୍ୟ ଅଧିକାରୀ, ଭଦ୍ରକ

ଭଦ୍ରକ ମତ୍ସ୍ୟ ବିକାଶ ଓ ଆତ୍ମନିଯୁକ୍ତି ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା

■ **ମତ୍ସ୍ୟ ପୋଖରୀ ଯୋଜନା:** ନୂତନ ପୋଖରୀ ଖନନ ଓ ମାଛ ଚାଷ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ହେକ୍ଟର ପ୍ରତି ୮,୫୦,୦୦୦ ଟଙ୍କାର ପ୍ରକଳ୍ପ ବ୍ୟୟ ବରାଦ କରାଯାଇଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

■**ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ପଂଚାୟତ ପୋଖରୀରେ ମାଛ ଚାଷ:** ଗ୍ରାମାଂଚଳରେ ବାସ କରୁଥିବା ମହିଳାମାନଙ୍କ ଆର୍ଥିକ ବିକାଶ ଓ ସଶକ୍ତୀକରଣ ପାଇଁ ଗଠିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ପଂଚାୟତ ପୋଖରୀ ଦୀର୍ଘମିଆଦୀ ସୂତ୍ରରେ ଲିଜ୍ ଦିଆଯାଇ ମାଛଚାଷ କରାଯାଉଛି। ଏଥିରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ୧୫୦୦୦୦ ଟଙ୍କା ରଖାଯାଇଛି। ପ୍ରକଳ୍ପ ମୂଲ୍ୟର ୬୦ ପ୍ରତିଶତ ଅର୍ଥାତ ସର୍ବାଧିକ ୯୦୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି।

■ **ଜଳକୃଷି ନିମନ୍ତେ ଆବଶ୍ୟକ ଯନ୍ତ୍ରପାତିର ବହୁଳ ବ୍ୟବହାର:** ଜଳକୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବା ନିମନ୍ତେ ଆବଶ୍ୟକ ବାୟୁ ଚାଳନା ପମ୍ପ , ବାୟୁ ସଂଚାଳନ ଯନ୍ତ୍ର, ଜୈବ ସୁରକ୍ଷା ଜାଲ, ମାଛଧରା ଜାଲ ଆଦି ସରଂଜାମ କିଣିବା ପାଇଁ ଯନ୍ତ୍ରପାତି ମୂଲ୍ୟର ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

■ **ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିକୁ ଆବର୍ତ୍ତନ ପାଣ୍ଠି ପ୍ରଦାନ:** ରାଜ୍ୟର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିରୁ ଅଧିକ କାର୍ଯ୍ୟକ୍ଷମ ତଥା ସମିତି ସଭ୍ୟ/ସଭ୍ୟାମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟେକ ସମବାୟ ସମିତିକୁ ଦୁଇଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠି ଯୋଗାଇ ଦିଆଯାଉଛି।

■ **ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ:** କମ୍ ଜାଗାରେ, କମ ଜଳରେ ଓ କମ୍ ଖର୍ଚ୍ଚରେ ଅଧିକ ମାଛ ଉତ୍ପାଦନ ପାଇଁ ନୂତନ ଜ୍ଞାନକୌଶଳଯୁକ୍ତ ବାୟୋଫ୍ଲକ ପଦ୍ଧତିରେ ମାଛଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

■ **ଖାରିଜଳରେ ମାଛ ଓ ଚିଙ୍ଗୁଡ଼ି ଚାଷ ନିମନ୍ତେ ପ୍ରୋତ୍ସାହନ:** ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାରେ ମାଛ ଓ ଚିଙ୍ଗୁଡ଼ି ଚାଷକୁ ଅଧିକ ବ୍ୟାପକ କରିବା ନିମନ୍ତେ ନୂତନ ପୋଖରୀ ଖନନ ଓ ଚାଷ ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

■ **ପଲିଥିନ ଆସ୍ତରଣ ପୋଖରୀରେ ଚିଙ୍ଗୁଡ଼ି ଚାଷ:** ଖାରିପାଣି ଚିଙ୍ଗୁଡ଼ି ଚାଷ ପୋଖରୀରେ ପଲିଥିନ ଆସ୍ତରଣ ଦ୍ୱାରା ଅଧିକ ଉତ୍ପାଦନ ଓ ରୋଗମୁକ୍ତ ଚାଷ ନିମନ୍ତେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

■ **ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା:** ଏହି ଯୋଜନାରେ ଖାରପାଣି ଚିଙ୍ଗୁଡ଼ି ଚାଷ ପାଇଁ ନୂତନ ପୋଖରୀ ଖନନ ନିମନ୍ତେ ହେ. ପ୍ରତି ୧୦ ଲକ୍ଷ ଟଙ୍କା ପ୍ରକଳ୍ପ ମୂଲ୍ୟ ଉପରେ ଅନୁସୂଚିତ ଜାତି, ଜନଜାତି ମହିଳାଙ୍କ ପାଇଁ ୬୦ ପ୍ରତିଶତ ଓ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ଏହି ଯୋଜନାରେ ମଧୁର ମାଛ ଚାଷ ପାଇଁ ନୂତନ ପୋଖରୀ ଖନନ ନିମନ୍ତେ ହେ. ପ୍ରତି ୮,୫୦,୦୦୦ ଟଙ୍କାର ପ୍ରକଳ୍ପ ମୂଲ୍ୟ ଉପରେ ସାଧାରଣ ବର୍ଗ ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତି ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ଏହି ଯୋଜନାରେ ମତ୍ସ୍ୟ ପରିବହନ ଯାନ ପାଇଁ ରିହାତି ବ୍ୟବସ୍ଥା ରହିଛି

	ପ୍ରକଳ୍ପ ମୂଲ୍ୟ (ଲକ୍ଷ)	ରିହାତି (ଲକ୍ଷ)	
		ସାଧାରଣ ବର୍ଗ	ଅନୁସୂଚିତ ଜାତି , ଜନଜାତି ଓ ମହିଳା
ମୋଟର ସାଇକେଲ ସହିତ ବରଫ ବାକ୍ସ	୦.୭୫	୦.୩୦	୦.୪୫
ଅଟୋ ସହିତ ବରଫ ବାକ୍ସ	୩.୦୦	୧.୨୦	୧.୮୦
ଶୀତତାପ ନିୟନ୍ତ୍ରିତ ମୋଟର ଯାନ (୧୦ ଟନ)	୨୫.୦୦	୧୦.୦୦	୧୫.୦୦
ଶୀତତାପ ନିୟନ୍ତ୍ରିତ ମୋଟର ଯାନ (୬ ଟନ)	୨୦.୦୦	୮.୦୦	୧୨.୦୦

ଜିଲ୍ଲା ମତ୍ସ୍ୟ ଅଧିକାରୀ, ଭଦ୍ରକ

ଡିଇଓଙ୍କୁ ସମ୍ବର୍ଦ୍ଧିତ କଲା ପ୍ରାଥମିକ ଶିକ୍ଷକ ସଂଘ

ବାରିପଦା ଟାଉନ ,୫।୧ (ନି.ପ୍ର): ମୟୂରଭଂଜ ଜିଲ୍ଲାର ସିଟି ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମୟୂରଭ ଜିଲ୍ଲାରେ ଶିକ୍ଷକ ପଦୋନ୍ନତି କାର୍ଯ୍ୟ ଶୃଙ୍ଖଳିତ ଭାବେ ଶେଷ ହୋଇଥିବାରୁ ସଂଘର କର୍ମକର୍ତ୍ତା ମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜଣାଇଥିଲେ । ବରିଷ୍ଠ ଶିକ୍ଷକ ନେତା ମାନସ କୁମାର ପଣ୍ଡାଙ୍କ ନେତୃତ୍ୱରେ ସିଟି ସଂଘର ରାଜ୍ୟ ନ୍ୟାୟିକ ଅଧକ୍ଷ ନରେନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଂଘର ଜିଲ୍ଲା ସଂଗଠନ ସଂପାଦକ ଅଜିତ କୁମାର ଭଦେଓ, ଧିରେନ୍ଦ୍ର ଭଦେଓ, ଶୁଳିଆପଦା ବ୍ଲକ ସଭାପତି ସମୀର କୁମାର ଦଣ୍ଡପାଟ ଉପସ୍ଥିତ ଥିଲେ। ଶିକ୍ଷକ ନେତା ମାନସ ପଣ୍ଡା ଆଗାମୀ ଦିନରେ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟାରେ ଶିକ୍ଷାଧିକାରୀଙ୍କ ସହଯୋଗ କାମନା କରିଥିଲେ ।

ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ରନାଥ ରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଜଗତସିଂହପୁର/ଭୁବନେଶ୍ୱର,୫।୧ (ନି.ପ୍ର): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ସ୍ୱର୍ଗତ ରବୀନ୍ଦ୍ରନାଥ ରାୟଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ତାଙ୍କର ପ୍ରତିମୂର୍ତ୍ତି ସୋମବାର ଦିନ ଉନ୍ମୋଚିତ ହୋଇଯାଇଛି । ରାଜ୍ୟ ବିଜ୍ଞାନ, କାରିଗରୀ ,ସାଧାରଣ ଉଦ୍ୟୋଗ , ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ।

ସ୍ୱର୍ଗତ ରାୟ ୧୯୨୧ ମହିହାରେ ଏପ୍ରିଲ ୫ ତାରିଖରେ ଜନ୍ମଗ୍ରହଣ କରିଥିବା ବେଳେ ଇଂରେଜ ଶାସନ ବିରୁଦ୍ଧରେ ସଂଗ୍ରାମ କରି ସେ ବହୁବାର ଜେଲ ବରଣ କରିଥିଲେ । ତାଙ୍କର ଦେଶପ୍ରେମ ଓ ସ୍ୱାଧୀନତା ପରେ ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ସେ ପୂର୍ବତନ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଠାରୁ ସମ୍ମାନିତ ହୋଇଥିଲେ । ସ୍ୱର୍ଗତ ରାୟ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଏକତ୍ରିତ ହୋଇ ଭାରତକୁ ଅଖଣ୍ଡ ରଖିବାକୁ ସର୍ବଦା କହୁଥିଲେ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଲେ ଯେ, ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ରନାଥ ରାୟ ତାଙ୍କ ପିଲାଦିନରୁ ଦୃଢ ମାନସିକତା ନେଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଯୁବପିଢିଙ୍କୁ ସବୁବେଳେ ଶୃଙ୍ଖଳିତ ହୋଇ କାର୍ଯ୍ୟ କରିବାକୁ ସେ ପ୍ରେରଣା ଦେଉଥିଲେ । ଗାଁ, ପରିବେଶ, ଜିଲ୍ଲା, ଦେଶ, ଗ୍ରାମ ଓ ଜାତିକୁ ଆଗେଇ ନେବା ପାଇଁ ତାଙ୍କର ଯେଉଁ ସଂକଳ୍ପ ଥିଲା , ଆଜିର ଯୁବ ପିଢି ଯଦି ତାଙ୍କର ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢିବ, ତେବେ ତାହା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି , ବରିଷ୍ଠ ସାମ୍ବାଦିକ ସ୍ତମ୍ଭକାର ଗୁରୁକଲ୍ୟାଣ ମହାପାତ୍ର ,ଦେବୀ ଚୌଧୁରୀ ଓ ରବୀନ୍ଦ୍ରନାଥ ରାୟଙ୍କ ପୁତ୍ରଅଶୋକ କୁମାର ରାୟ ପ୍ରମୁଖ ଯୋଗଦେଇ ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଓ ସମାଜସେବୀ ଦେବୀ ଚୌଧୁରୀ, ପ୍ରମୋଦ କୁମାର ମଲ୍ଲିକ, ପ୍ରିୟନାଥ ରାୟ, ପ୍ରଦ୍ୟୁମ୍ନ କାନୁନ୍‌ଗୋ, କୈଳାଶ ଚନ୍ଦ୍ର ବେହେରା, ସମରେଶ ବେଉରା, ପ୍ରଦୀପ୍ତ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

କୋଭିଡ ଟିକାକରଣ ପାଇଁ ପ୍ରାକ ପ୍ରସ୍ତୁତି

ମାଲକାନଗିରି,୫।୧ (ନି.ପ୍ର): ମାଲକାନଗିରି ଜିଲ୍ଲାରେ କୋଭିଡ ଟୀକାକରଣ ପାଇଁ ଆଜି ମୁଖ୍ୟ ଚିକିତ୍ସାଳୟରେ ପ୍ରାକ୍ ? ପ୍ରସ୍ତୁତି କରାଯାଇଥିଲା । ଜିଲ୍ଲାକୁ ଟିକା ଆସିଲେ ଏହାକୁ କିପରି ସୁରୁଖୁରୁରେ କିପରି ବିତରଣ କରାଯିବ ସନେଇ ମୁଖ୍ୟ ଚିକିତ୍ସାଳୟରେ ଏକ ରିହଲସେଲ କରାଯାଇଥିଲା । ପ୍ରତି ପଏଂଟରେ ୫ ଜଣ ଲେଖାଏଁ ଭେକସିନେଟର ରହିଥିଲେ । ୨୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଡମି ଟୀକାକରଣ ହୋଇଥିଲା । ଟୀକା ନେବାକୁ ଆସିଥିବା ବ୍ୟକ୍ତମାନଙ୍କର ପ୍ରଥମେ ରେଜିଷ୍ଟ୍ରେସନ ଓ ପରିଚୟ ପତ୍ର ଯାଂଚ କରାଯାଇଥିଲା ।ପରେ ତାଙ୍କ ସ୍ୱାସ୍ଥ୍ୟର ଯାଂଚପରେ ଭ୍ୟାକସିନ ରୁମକୁ ପଠାଯାଇଥିଲା । ଟୀକାକରଣ ପରେ ୩୦ ମିନଟ ଯାଏଁ ଅବଜରଭେସନ କଠୋରୀରେ ଟୀକା ନେଇଥିବା ବ୍ୟକ୍ତମାନଙ୍କୁ ରଖାଯିବ । ଏମାନଙ୍କ ଉପରେ ଦୁଇ ଜଣ ଅଧିକାରୀ ନଜର ରଖିବେ ।

ଖାସବାହାଳ ଓ ଦୋହେଲପଡା ପଂଚାୟତରେ ମନମୁଖି ବିଦ୍ୟୁତ କାଟ ଅଭିଯୋଗ

ନୂଆପଡା,୫।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ଯୋଗୁଁ ଖଡିଆଳ ବ୍ଲକର ଖାସବାହାଳ ଏବଂ ଦୋହେଲପଡା ପଂଚାୟତବାସୀ ଅନେକ ସମୟରେ ବିଦ୍ୟୁତ ପାଇପାରୁନଥିବା ଅଭିଯୋଗ କରିଛନ୍ତି । ପ୍ରତ୍ୟେକ ଦିନ ୭ ରୁ ୮ ଘଂଟା ବିଦ୍ୟୁତ କାଟ ହେଉଥିବା ବେଳେ ପ୍ରାୟତଃ ଲୋ ଭୋଲଟେଜ ବିଦ୍ୟୁତ ରହୁଛି । ଯାହାଫଳରେ ନାନା ପ୍ରକାରର ଅସୁବିଧା ଭୋଗ କରୁଥିବା ଅଭିଯୋଗ କରିଛନ୍ତି । ଏନେଇ ଦାୟିତ୍ୱରେ ଥିବା ବିଦ୍ୟୁତ କର୍ମଚାରୀଙ୍କୁ ଜଣାଇଲେ ସେ ଆଦୌଖାତିର କରୁନଥିବା ବେଳେ ଗ୍ରାହକଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଗ୍ରାହକ ମାନେ ପ୍ରକାଶ କରିଛନ୍ତି । ଟିକେ ମାତ୍ର ବର୍ଷା କିମ୍ବା ପବନ ହେଲେ ଦିନ ଦିନ ଧରି ବିଦ୍ୟୁତ ଯୋଗାଣ ହେଉନଥିବା ବେଳେ ନିୟମିତ ମାସକୁ ମାସ ବିଦ୍ୟୁତ ବିଲ ଆସୁଅଛି । ବିଲ ପୈଠ ନକଲେ ଲାଇଟ କାଟି ଦେବାର ଧମକ ଦିଆଯାଉଛି । ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟୁତ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି । ନଚେତ ୨ ପଂଚାୟତର ଶତାଧିକ ଉପଭୋକ୍ତା ବିଦ୍ୟୁତ ଖଡିଆଳ ବିଦ୍ୟୁତ ବିଭାଗ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ବନ୍ୟଜନ୍ତୁ ବିଭାଗ ପକ୍ଷରୁ ପକ୍ଷୀ ଗଣନା ଆରମ୍ଭ

ନୂଆପଡା,୫।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବନଖଣ୍ଡ ଓ ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗର ମିଳିତ ଭାବରେ ପକ୍ଷୀ ଗଣନା ଆରମ୍ଭ ହୋଇଯାଇଛି । ଖଡିଆଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଡିଏଫଓ ବିବେକ କୁମାରଙ୍କ ନେତୃତ୍ୱରେ ବନ କର୍ମଚାରୀ ମାନଙ୍କୁ ନେଇ ପକ୍ଷୀ ଗଣନା ଉପରେ ପ୍ରଥମେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷଣ ପରେ ବନ କର୍ମଚାରୀ ମାନେ ତିଖାଲି ଜଳଭଣ୍ଡାର, ବାଦୀ ଜଳଭଣ୍ଡାର, ତିରନପୁର ଜଳଭଣ୍ଡାର, ସୁନ୍ଦର ଜଳଭଣ୍ଡର, ଜଡାମୁଣ୍ଡା ସହ ଅନ୍ୟାନ୍ୟ ସ୍ଥାନକୁ ଯାଇ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ କରିଛନ୍ତି । ସେହିଭଳି ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗର କର୍ମଚାରୀ ମାନେ ମଧ୍ୟ ପଡୋରା ଜଳଭଣ୍ଡାର, ରଇତାଳ ଜଳ ସାଗର ଓ ଜଲିକି ସାଗରକୁ ଯାଇ ପକ୍ଷୀ ଗଣନା ଆରମ୍ଭ କରିଥିଲେ । ଏହି ପକ୍ଷୀ ଗଣନାରେ ପ୍ରାୟ ଜିଲ୍ଲାର ଶତାଧିକ ବନକର୍ମଚାରୀ ନିୟୋଜିତ ଅଛନ୍ତି । ଚଳିତ ବର୍ଷ ବିଭିନ୍ନ ପ୍ରଜାତୀର ପକ୍ଷୀ ମାନଙ୍କ ସମେତ ବହୁ ବିଦେଶୀ ପକ୍ଷୀ ମାନେ ଆସିଥିବା ବନ କର୍ମକାରୀ ମାନଙ୍କ ଠାରୁ ସୂଚନା ମିଳିଛି ।

ସ୍ୱାଭିମାନି କରିଛି ଚା ଦୋକାନ: ଦିବ୍ୟାଙ୍ଗ ହେଲେ ବି ଅନ୍ୟ ପାଇଁ ଉଦାହରଣ

ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ

ବାରିପଦା ଟାଉନ ,୫।୧ (ନି.ପ୍ର): ଝିଅ କପେ ନାଲି ଚା ଦେଲ। ଆଜି ଚା ଟା ଭଲ ଲାଗୁଛି। ଆଉ ଟିକେ ମିଠା କମ ହୋଇଥିଲେ ଆହୁରି ଭଲ ହୋଇଥାନ୍ତା। ପୁଣି କିଏ ମାଲୋ ବୋଲି ଡାକି କ୍ଷୀର ଚା କପେ ମାଗୁଛନ୍ତି। ସକାଳୁ ସକାଳୁ ତୁମ ହାତ ତିଆରି ଚା ନ ପିଇଲେ ଦିନଟା ଭଲରେ କଟୁନି। ବାରିପଦା ଗୁଳୁରୀ ମାର୍କେଟରେ ଦୁଇ ଭିନ୍ନକ୍ଷମ ଭଉଣୀଙ୍କ ଚା ଦୋକାନରୁ ଚା ପିଇ ଗ୍ରାହକ ମାନେ ଏମିତି ଆଶୀର୍ବାଦ ଦେଉଥାନ୍ତି। ଆଉ କିଏ ମୁଣ୍ଡରେ ହାତ ମାରି ଦୀର୍ଘାୟୁ କାମନା କରୁଥାନ୍ତି। ଦୁଇ ଭଉଣୀ ଦିବ୍ୟାଙ୍ଗ ହୋଇ ବି ସକ୍ଷମଙ୍କ ଭଳି ସଂଘର୍ଷ ଜାରି ରଖିଛନ୍ତି। ନିଜର ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ବଳରେ ସେମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଦିବ୍ୟାଙ୍ଗ ହୋଇ ମଧ୍ୟ ସେମାନେ ଭାଙ୍ଗି ପଡିନାହାନ୍ତି। ମନୋବଳକୁ ସୁଦୃଢ଼ କରି ସମାଜରେ ଅନ୍ୟମାନଙ୍କ ଭଳି ବଂଚିବା ପାଇଁ ଉଦ୍ୟମ କରୁଛନ୍ତି। ଚା' ଦୋକାନ କରି ନିଜେ ସ୍ୱାଭିମାନୀ ହେବା ସହ ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଦୁଇ ଦିବ୍ୟାଙ୍ଗ ଭଉଣୀ ହେଲେ, ସୁଜାତା ସାହୁ ଓ ନିଳିମା ସାହୁ। ଦାରିଦ୍ର୍ୟ ଓ ଆର୍ଥିକ ଅନଟନ ଭିତରେ କାଳ କାଟୁଥିବା ନିଜ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ଲାଗି ଦୁଇ ଦିବ୍ୟାଙ୍ଗ ଭଉଣୀ ଆଗେଇ ଆସିଛନ୍ତି। ନିଜର ଇଚ୍ଛାଶକ୍ତି ବଳରେ ଚା ଦୋକାନ କରି ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ତେବେ ଦୁଇ ଭଉଣୀଙ୍କ କହିଛନ୍ତି, ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇବା ପାଇଁ ଏହି ବ୍ୟବସାୟକୁ ଆପଣେଇଛନ୍ତି। ଦିବ୍ୟାଙ୍ଗ ହେଲେ ମଧ୍ୟ ଦୁଇ ଭଉଣୀଙ୍କ ଇଚ୍ଛାଶକ୍ତି ଆଗରେ ପରିବାର ଲୋକେ ହାର ମାନିଛନ୍ତି। ଏବେ ପରିବାର ଲୋକେ ଦୁଇ ଝିଅଙ୍କ କାର୍ଯ୍ୟରେ ପରିବାର ଲୋକେ ବେଶ୍ ଗର୍ବ ଅନୁଭବ କରୁଛନ୍ତି। ଜନ୍ମ ହେବା ଦିନ ଠାରୁ ଦୁଇ ଭଉଣୀ ଦିବ୍ୟାଙ୍ଗ। ଏବେ ସୁଜାତାଙ୍କ ବୟସ ୩୦ ହୋଇଥିବା ବେଳେ ନିଳିମାଙ୍କ ବୟସ ୨୫ବର୍ଷ। ପରିବାରର ଆର୍ଥିକ ସ୍ଥିତି ଭଲ ନଥିବା ବେଳେ ତାଙ୍କ ବାପା ବୟସର ଅପରାହ୍ନରେ। ତେବେ ଆଗକୁ ସରକାରଙ୍କ ଠାରୁ କିଛି ସହାୟତା ମିଳିଲେ କିମ୍ବା ବ୍ୟାଙ୍କରୁ ଋଣ ମିଳିଲେ ନିଜ ଚା ଦୋକାନକୁ ବଢ଼ାଇବା ସହିତ ଅଧିକ ରୋଜଗାର କରି ନିଜର ପରିବାର ପ୍ରତିପୋଷଣ କରିପାରିବେ ବୋଲି କହିଛନ୍ତି ଦୁଇ ଭଉଣୀ ।

ଗୋଟିଏ ମାମଲାରେ ତିନି ତିନିଥର ମିଥ୍ୟା ସତ୍ୟପାଠ ଦେଇଛି ଗୃହ ବିଭାଗ: କଂଗ୍ରେସ

ଭୁବନେଶ୍ୱର,୫।୧ (ନି.ପ୍ର): ରାଜ୍ୟର ଆଇନ୍‌ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ। ରାଜ୍ୟରେ ଦଣ୍ଡ ହାର ଜାତୀୟ ଦଣ୍ଡହାର ଠାରୁ ସର୍ବନିମ୍ନ। ଲକ୍‌ଡାଉନ୍ ସମୟରେ ନାରୀ ନିର୍ଯ୍ୟାତନା ଶୀର୍ଷରେ। ନିଖୋଜ ଶିଶୁଙ୍କୁ ଖୋଜିବାରେ ରାଜ୍ୟ ପୋଲିସର ସଫଳତା ହାର ମାତ୍ର ୨୭ ପ୍ରତିଶତ। ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ସଂସ୍କାର ସଂପର୍କରେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କୁ ବାରମ୍ବାର ମିଥ୍ୟା ସତ୍ୟପାଠ ଦେଉଛନ୍ତି। ରାଜ୍ୟର ସାଢ଼େ ଚାରି କୋଟି ଜନତାଙ୍କୁ ଭୁଆଁ ବୁଲାଇଛନ୍ତି ବୋଲି କଂଗ୍ରେସ ମୁଖପା

ପାରିବାରିକ ବନ୍ଧନକୁ ମଜ୍‌ବୁତ କରେ 'ଫ୍ୟାମିଲି ଡିନର'

ବର୍ତ୍ତମାନ ସମୟରେ ପୂରା ପରିବାର ଏକାଠି ବସି ଖାଇବାର ଧାରା ଦେଖିବାକୁ ମିଳୁନାହିଁ । ଗୋଟିଏ ସମୟ ଥିଲା ଯେତେବେଳେ ପରିବାରର ସମସ୍ତେ ଗୋଟିଏ ସ୍ଥାନରେ ବସି ଏକାଠି ଖାଉଥିଲେ । କର୍ମ ବ୍ୟସ୍ତତା, ଦାୟିତ୍ୱ ଓ ଅନ୍ୟ କାରଣରୁ ଏହା ଆଉ ହେଉନାହିଁ । ଯେତେବେଳେ ଟିକିଏ ସମୟ ମିଳୁଛି ପରିବାର ସହ କଥାବାର୍ତ୍ତା ହେବା ବଦଳରେ ଟିଭି ଦେଖିବାକୁ, ମୋବାଇଲ ଗେମ୍ ଖେଳିବାକୁ ଅନେକ ପସନ୍ଦ କରୁଛନ୍ତି । ମାତ୍ର ମନେ ରଖିବା ଦରକାର ଯେ, ପାରିବାରିକ ବନ୍ଧନକୁ ମଜ୍‌ବୁତ କରିବାକୁ ହେଲେ ଏକାଠି ସମସ୍ତେ ଖାଇବା ମଧ୍ୟ ବେଶ୍ ମହତ୍ୱ ରଖେ । ଆଉ ଏହି କ୍ଷେତ୍ରରେ ଘରର ମହିଳାମାନେ ମଧ୍ୟ ବଡ଼ ଭୂମିକା ନେବା ଦରକାର । ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏକୁଟିଆ ଖାଉଥିବା ବ୍ୟକ୍ତିଙ୍କ ତୁଳନାରେ ପରିବାର ସହିତ ଏକାଠି ଖାଉଥିବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ବେଶ ଭଲ ରହିଥାଏ । ବିଶେଷ କରି ପରିବାର ସହ ତୁଳନାରେ ପରିବାର ସହ ମିଶି ଖାଉଥିବା ବ୍ୟକ୍ତିମାନେ ଅଧିକ ଫଳ ଓ ପନିପରିବା ଖାଇଥାନ୍ତି । ସେହିପରି ପରିବାର ସହ ଏକାଠି ବସି ଖାଉଥିବା ବ୍ୟକ୍ତିମାନେ ମାନସିକ ଶାନ୍ତି ମଧ୍ୟ ବେଶ ଭଲ ରହିଥାଏ । କାରଣ ପରସ୍ପର ମଧ୍ୟରେ ଚର୍ଚ୍ଚା ଓ ଆଲୋଚନା ଅନେକ ସମସ୍ୟାର ସମାଧାନର ବାଟ କାଢ଼ିଥାଏ ।

ସୂର୍ଯ୍ୟ କିରଣରେ ମୋଟାପଣ କମେ

ନିକଟରେ ହୋଇଥିବା ଏକ ଗବେଷଣାରେ ଜଣାପଡ଼ିଛି ଯେ, ସୂର୍ଯ୍ୟକିରଣରେ ଶରୀରରେ ଯେଉଁ ଭିଟାମିନ ଡି ସୃଷ୍ଟିହୁଏ ତାହା ବାରିଆଟ୍ରିକ ସର୍ଜରୀକୁ ସଫଳ କରିବାରେ ବିଶେଷ ଭୂମିକା ଗ୍ରହଣ କରେ । ଏହା ମୋଟାପା କମାଇବାରେ ସହାୟକ ହୋଇଥାଏ । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ । ଖରାରେ ବୁଲିଲେ ଭିଟାମିନ-ଡି ମିଳେ ଏବଂ ଚର୍ବି ହ୍ରାସ ପାଏ ବୋଲି ଅନେକେ କହିଥାନ୍ତି । ମଧ୍ୟମ ଖରାରେ ରହିବାର ସମୟତକ ବଡ଼ି ମାସ୍ ଇଣ୍ଡେକ୍ସ (ବିଏମଆଇ) ଉପରେ ପଡ଼େ ଯାହା ଶରୀରର ଚର୍ବିକୁ ପ୍ରଭାବିତ କରେ । ପ୍ରାକୃତିକ ଆଲୋକ ମଣିଷ ଶରୀର ସଜନ କମାଇବା ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ ବୋଲି ଏହି ଗବେଷଣାରୁ ଜଣାଯାଇଛି ।

ମୋଟା ବ୍ୟକ୍ତିଙ୍କ ଠାରେ ଭିଟାମିନ ଡି କମ୍ ଥାଏ । ଗବେଷଣାରୁ ପ୍ରକାଶ ଯେ, ଭିଟାମିନ୍ ଡି ଅଭାବରେ ଶରୀରରେ ଲେପଟିନ୍ ନାମକ ହର୍ମୋନ କ୍ଷରଣ ଏବଂ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟିହୁଏ । ଏହି ହର୍ମୋନ୍ ମସ୍ତିଷ୍କକୁ ପେଟ ଭରିଯିବାର ସୂଚନା ଦେଇ ନପାରିବା ଯୋଗୁଁ ଲୋକେ ଅଧିକ ଖାଇଦିଅନ୍ତି ଏବଂ ମୋଟାପାର ଶିକାର ହୋଇଥାନ୍ତି । ଆବର୍ଡିନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ସ୍କଟଲାଣ୍ଡର ମୋଟା ଲୋକମାନଙ୍କ ଉପରେ ଗବେଷଣା କରି ଜାଣିଥିଲେ ଯେ, ସେମାନଙ୍କ ଠାରେ ଭିଟାମିନ ଡି ମାତ୍ରା କମ୍ ରହିଛି । ଯେଉଁମାନେ ବି ଓଜନ ହ୍ରାସ କରିବା ଲାଗି ବାରିଆଟ୍ରିକ ସର୍ଜରୀ ଜାନୁଆରୀରୁ ମାର୍ଚ୍ଚ (ଯେଉଁ ସମୟରେ ଶରୀରରେ ଭିଟାମିନ୍ ଡି କମ୍ ଥାଏ) ମଧ୍ୟରେ କରାଇଥାନ୍ତି, ସେମାନଙ୍କୁ ଖରାଦିନେ ଏହି ସର୍ଜରୀ କରାଉଥିବା ବ୍ୟକ୍ତିଙ୍କ ଅପେକ୍ଷା ଅଧିକ ସମସ୍ୟା ସାମ୍ନା କରିବାକୁ ହୁଏ । ଓବେସିଟି ସାଇନ୍ସ ଅଣ୍ଡ ପ୍ରାକ୍ଟିସର ଅନଲାଇନ ଜର୍ଣ୍ଣାଲରେ ଏହା ପ୍ରକାଶିତ ହୋଇଛି ।

ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍

ଅଧିକ ହେଲେ କ୍ଷତି ନାହିଁ । ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍ କହିଲେ ଏହାକୁ ହିଁ ବୁଝାଏ । ସାଜସଜ୍ଜାରେ ପୂର୍ଣ୍ଣତା ବଜାୟ ରଖିବା ହେଉଛି ମ୍ୟାକ୍ସିମାଲିଷ୍ଟ ଫ୍ୟାଶନର ପରିଭାଷା । ଦିନକୁ ଦିନ ବଦଳୁଛି ସାଜସଜ୍ଜାର ସଂଜ୍ଞା । ତାହା ସହିତ ତାଳ ମିଳାଇ ବଦଳିବାରେ ଲାଗିଛି ଲୁକ୍, ଷ୍ଟାଇଲ୍ ଆଉ ଫ୍ୟାଶନ୍ । ଦିନ ଥିଲା ମିନିମାଲିଷ୍ଟ ଫ୍ୟାଶନ୍ ଥିଲା ଫ୍ୟାଶନିଷ୍ଟାମାନଙ୍କର ପ୍ରିୟ । ଏବେ ସେହି ସ୍ଥାନ ନେଉଛି ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍ ।

ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍ କ'ଣ

ହାର, ଇୟରରିଂ, ଚୁଡ଼ି, ଗାଢ଼ ଲିପଷ୍ଟିକ୍... ଏଇ ସମସ୍ତ ନେଇ ସୃଷ୍ଟି ମ୍ୟାକ୍ସିମାଲିଟ୍ରେ ଫ୍ୟାଶନ୍ । ସୁନ୍ଦର ଶାଢ଼ି ସହିତ କାନରେ ସାଣ୍ଡେଲିୟର ପିନ୍ଧିଲେ ସାଜ ସଂପୂର୍ଣ୍ଣ ହୋଇଯାଉଥିଲା । କିନ୍ତୁ ଏବେ ଦରକାର ଆହୁରି ଅଧିକ । ଏଇଠି ବଦଳି ଯାଉଛି ସାଜସଜ୍ଜାର ସଂଜ୍ଞା କେବଳ ଇୟରରିଂ ବା ଗଳାର ଷ୍ଟେଟମେଣ୍ଟ ପିସ୍ ନୁହେଁ । ସବୁ କିଛି ମଧ୍ୟରେ ସମାନତା ବଜାୟ ରଖିବାକୁ ହେବ । ତେବେ ଯାଇ ପରିପୂର୍ଣ୍ଣ ହେବ ମ୍ୟାକ୍ସିମାଲିଟ୍ରେ ଫ୍ୟାଶନ୍ ।

କିଭଳି କରିବେ କମ୍ବିନେସନ୍

କେବଳ ଗହଣାରେ ଏହି ସାଜ ସରିଗଲା ବୋଲି ଭାବିବା ଠିକ୍ ନୁହେଁ । ଇଚ୍ଛା କଲେ ଓ୍ୱେଷ୍ଟର୍ଣ୍ଣ ଆଉଟଫିଟରେ ମଧ୍ୟ ଏହି ଲୁକ୍ ଆଣିପାରିବେ । ସେଥିପାଇଁ ହ୍ୟାଟ, ବେଲ୍ଟ, ସ୍କାର୍ଫ, କୁଏଲାରୀ, ଜ୍ୟାକେଟ୍ ବ୍ୟବହାର କରିବାକୁ ହେବ ।

ଓ୍ୱେଷ୍ଟର୍ଣ୍ଣ ଆଉଟଫିଟରେ

ସର୍ଟ ଡ୍ରେସ୍ ସହିତ ସ୍କାର୍ଫ, ମୁଣ୍ଡରେ ଟୋପି ଓ ଆଖିରେ ମାନୁଥିବା ସନଗ୍ଲାସ୍ । କାନରେ ଲମ୍ବା ଇଅରରିଂ । ଏକାଧିକ ଆକସେସୋରି ବ୍ୟବହାର କରୁଥିବାରୁ ରଙ୍ଗ ଠିକ୍ ବାଛିବାକୁ ପଡ଼ିବ । ସବୁ କିଛି ଗାଢ଼ ରଙ୍ଗର ହେଲେ ଆପଣଙ୍କର ଫ୍ୟାଶନ୍ ବିଷୟରେ ଧାରଣା ନାହିଁ । ବୋଲି ମନେ ହେବ । ତେଣୁ ଏକାଧିକ ଆକ୍ସେସରି ବ୍ୟବହାର କରୁଥିଲେ ରଙ୍ଗର କନଷ୍ଟ୍ରାଟ ଆଗରୁ ବାଛି ନିଅନ୍ତୁ ।

ପ୍ରିଣ୍ଟ ପରଫେକ୍ଟ

ସାଧାରଣତଃ ପ୍ରିଣ୍ଟ୍ ବଟମଓ୍ୱେୟର ସହିତ ସଲିଡ୍ କଲରର ଟପ୍ ଓ ପ୍ରିଣ୍ଟେଡ୍ ଟପ୍ ସହିତ ପ୍ଲେନ୍ ବଟମ୍ ଓ୍ୱିୟର ବାଛିନିଅନ୍ତି ଅନେକେ । କିନ୍ତୁ ମ୍ୟାକ୍ସିମାଲିଟ୍ରେ ଫ୍ୟାଶନରେ ବଟମ୍ ଓ ଟପ୍ ଓ୍ୱିୟର ଦୁଇଟି ଯାକ ସମାନ ପ୍ରିଣ୍ଟର ପିନ୍ଧି ପାରିବେ । ତେବେ ଦେଖିବାକୁ ହେବ ଯେଉଁ ପ୍ରିଣ୍ଟ ପିନ୍ଧୁଛନ୍ତି ସେଇଟା ଆପଣଙ୍କୁ ମାନୁଛି କି ନାହିଁ ।

ହାଲୁକା ଶାଢ଼ି, ଭାରୀ ଗହଣା

ସିଫନ୍ ବା ହାଲୁକା ଶାଢ଼ି ସହିତ ଛୋଟ ମୁକ୍ତାର ଇୟର ଷ୍ଟଡ ଓ ହାର ବଢ଼ିଆ ଲାଗେ । କିନ୍ତୁ ଭାରୀ ଗହଣାର ସାଜସଜ୍ଜାରେ ମଧ୍ୟ ସିଫନ ବେଶ ଭଲ ଲୁକ୍ ଦେଇଥାଏ । ଯେମିତିକି ଇୟର ଷ୍ଟଡ୍, ହାର ସହିତ ହାତ ପାଇଁ ଷ୍ଟେଟମେଣ୍ଟ ବ୍ରେସଲେଟ୍ ଭଲ ଲାଗିବ ।

ଗୋଲ୍ଡେନ୍ ଟଚ୍

ଶାଢ଼ିର ଧଡ଼ି ସୁନେଲି ରଙ୍ଗର ହୋଇଥିଲେ ସୁନାର ଅଳଙ୍କାର ପିନ୍ଧନ୍ତୁ । ସିଲଭର ଜରି କାମ ଥିଲେ ରୂପା ଅଳଙ୍କାର ଭଲ ଲାଗିବ । କିନ୍ତୁ ରୂପା ଗହଣା ସହିତ ସୁନେଲି ଧଡ଼ି ଥିବା ଶାଢ଼ି କିମ୍ବା ସୁନେଲି ଧଡ଼ିରେ ରୂପା ଗହଣା ଭଲ ମାନିବ ନାହିଁ । ଏହି ଧାରଣାକୁ ଅନେକାଂଶରେ ବଦଳାଇ ଦେଇଛନ୍ତି ମ୍ୟାକ୍ସିମାଲିଷ୍ଟ ଫ୍ୟାଶନରେ ବିଶ୍ୱାସ ରଖୁଥିବା ଫ୍ୟାଶନିଷ୍ଟାମାନେ ।

ଶିଶୁ ଧରିପାରିବେ ଭୁଲ୍

ଭୁଲ କଥା ବିଷୟରେ ଜାଣିବାକୁ ବୟସ ଏବଂ ଜ୍ଞାନ ସେହିଭଳି ହୋଇଥିବା ଦରକାର । କିନ୍ତୁ ଜଣେ ଶିଶୁ କ'ଣ ଭୁଲ୍ ବିଷୟରେ ସୂଚନା ଦେଇ ପାରିବ ? ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ, ହେଲେ ତାହା ସତ । ଏ ସମ୍ପର୍କରେ ଏକ ସଦ୍ୟତମ ଗବେଷଣାର ସୂଚନା ମିଳିଛି । ସିଙ୍ଗାପୁରସ୍ଥିତ ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମାତ୍ର ଅଢ଼େଇବର୍ଷରୁ କମ ବୟସ୍କ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରିଥିଲେ । ସେମାନଙ୍କୁ କେତେକ ଭୁଲ୍ କଥା କହିବା ସମୟରେ ସେମାନେ ତାହାକୁ ଧରିପାରିଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ବିଭିନ୍ନ କଥା ଶୁଣିବା ସମୟରେ ସେମାନଙ୍କ ମଧ୍ୟରୁ କେତେକ ପ୍ରତିଟି କଥାକୁ ଧ୍ୟାନର ସହ ଶୁଣିଥାଆନ୍ତି । ଭୁଲ କଥା ଶୁଣିବା ପରେ କେତେକ ପ୍ରତିକ୍ରିୟାଶୀଳ ହୋଇଥାଆନ୍ତି ବୋଲି ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଏହା ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ମାନସିକ ବିକାଶ ଉପରେ ହିଁ ନିର୍ଭର କରିଥାଏ । ସେଥିପାଇଁ ପିଲାଙ୍କର ମାତାପିତା ଏବଂ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ ।

କାନ୍ଥରେ ଅଙ୍କାଯାଏ କାର୍ଟୁନ

ତାଇୱାନର ଏକ ଛୋଟ ଗାଁ ହୁଇଜା । କିଛି ବର୍ଷ ପର୍ଯ୍ୟନ୍ତ ଗାଁଟିର ଅସ୍ତିତ୍ୱ ବିଷୟରେ ବିଶେଷ କେହି ଜାଣିନଥିଲେ ଏବେ କିନ୍ତୁ ପ୍ରତିଦିନ ହୁଇଜାକୁ ଅନେକ ପର୍ଯ୍ୟଟକ ଆସୁଛନ୍ତି । ଗାଁଟିର ବିଶେଷତ୍ୱ ହେଉଛି ଏହାର ପ୍ରତିଟି ଘରର କାନ୍ଥରେ କାର୍ଟୁନ ଚରିତ୍ର ଅଙ୍କା ହୋଇଛି । ଭିନ୍ନ ଭିନ୍ନ ଲୋକପ୍ରିୟ କାର୍ଟୁନ ଚରିତ୍ରର ବିଶାଳ ମ୍ୟୁରାଲ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଏହାର ସମସ୍ତ ଶ୍ରେୟ ଯାଏ ଗାଁର ତିନି ଭଉଣୀଙ୍କୁ । ସହରରେ ରହୁଥିବା ଏହି ଭଉଣୀମାନେ ହୁଇଜାରେ ରହୁଥିବା ନିଜ ଜେଜେମାଙ୍କ ପାଖକୁ ବୁଲିବା ପାଇଁ ଆସୁଥିଲେ । ଜେଜେମା'ଙ୍କ ଘରେ ବସି ବସି ବିରକ୍ତ ହୋଇଯାଉଥିଲେ । ତେଣୁ ଜେଜେମାଙ୍କ ଘରର କାନ୍ଥକୁ ଚିତ୍ରତ କରିବା ପାଇଁ ସ୍ଥିର କଲେ । ଜେଜେମା'ଙ୍କ ଅନୁମତି ନେଇ ପ୍ରଥମେ ତାଙ୍କ ଘରର କାନ୍ଥରେ ଦାରୁମା ଡଲର ମ୍ୟୁରାଲ ଆଙ୍କିଲେ । ଦାରୁମା ଡଲକୁ ତାଇୱାନ, ଜାପାନରେ ଭାଗ୍ୟଶାଳୀ ବୋଲି ମନେ କରାଯାଏ । ଦାରୁମା ଡଲର ମ୍ୟୁରାଲ ଆଙ୍କି ତାହା ତଳେ ଲେଖିଦେଇଥିଲେ 'ଆମ ଜେଜେମା'ଙ୍କ ଘର ।' ସେମାନଙ୍କ ଦେଖାଦେଖି ଆଉ କେତେଜଣ ଗ୍ରାମବାସୀ ନିଜ ନିଜ କାନ୍ଥରେ ଏମିତି ଚିତ୍ର ଆଙ୍କିବା ପାଇଁ ଏଇ ତିନି ଭଉଣୀଙ୍କୁ ଅନୁରୋଧ କରିଥିଲେ । ଛୁଟି ସରିବା ପୂର୍ବରୁ ତିନି ଭଉଣୀ ମିଶି ଯେତେ ସମ୍ଭବ ଅଧିକ ଲୋକଙ୍କ ଘରର କାନ୍ଥରେ ବିଭିନ୍ନ କାର୍ଟୁନ ଚରିତ୍ରର ମ୍ୟୁରାଲ ଆଙ୍କି ଦେଇଥିଲେ । ଏହା ପରେ ଗ୍ରାମବାସୀଙ୍କମାନେ ସ୍ଥିର କରିଥିଲେ ଗାଁର ପ୍ରତ୍ୟେକ ବ୍ୟକ୍ତିଙ୍କ ଘରର କାନ୍ଥରେ କାର୍ଟୁନ ଚରିତ୍ର ଅଙ୍କାଯିବ । ଧୀରେ ଧୀରେ ଏହି ଗାଁର ପରିଚୟ ବାହାରଗାଁ, ଆଖପାଖ ସହରରେ ପ୍ରସାର ହେବାକୁ ଲାଗିଲା । ପର୍ଯ୍ୟଟକମାନେ କିଛିକିଛି ଅର୍ଥ ବିନିମୟରେ ପୂରା ଗାଁ ବୁଲିବାକୁ ଆଗ୍ରହ ପ୍ରକାଶ କଲେ । ତେଣୁ ଗାଁଟିର ଅର୍ଥନୀତି ମଧ୍ୟ ସୁଧୁରିବାରେ ଲାଗିଲା । ଏହି ଛୋଟ ଗାଁଟିକୁ ସଂପୂର୍ଣ୍ଣ ଭାବେ ବୁଲି ଦେଖିବା ପାଇଁ ଦୁଇ ଘଣ୍ଟା ସମୟ ଲାଗିଥାଏ ।

ଶୀତ ଦିନେ ହେୟାର ପ୍ୟାକ୍

♦ ଦୁଇଟି କଦଳୀ, ଦୁଇଟି ଅଣ୍ଡା, ଗୋଟିଏ ଲେମ୍ବର ରସ ଏବଂ ଦୁଇଟି ଭିଟାମିନ - କ୍ୟାପସୁଲ ମିଶାଇ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ କେଶରେ ଲଗାଇ ୩୦/୪୦ ପରେ ଧୋଇ ଦିଅନ୍ତୁ । ଏହି ଲେପ ସପ୍ତାହରେ ଦୁଇ ଥର ବ୍ୟବହାର କଲେ କେଶ ଭଲ ରହିବ ।

♦ ଦୁଇଟି ଅଣ୍ଡାରେ କିଛି ଅଲିଭ୍ ତେଲ ମିଶାଇ ବ୍ୟବହାର କରିପାରିବେ । ଏହା ଦ୍ୱାରା କେଶର ଚମକ ବଢ଼ିବ ।

♦ ଗୋଟିଏ ଚାମଚ ମୁଲତାନୀ ମାଟି ଏବଂ ଗୋଟିଏ ଚାମଚ ବେସନରେ ଅଧ କପ୍ ଭିନିଗାର ମିଶାଇ କେଶରେ ଲଗାନ୍ତୁ ଏବଂ ୧୫/୨୦ମିନିଟ୍ ପରେ କେଶକୁ ସେମ୍ପୁରେ ସଫା କରି ଦିଅନ୍ତୁ । ଶୁଷ୍କ କେଶ ପାଇଁ ଯେକୌଣସି ତେଲ ମିଶାଇ ବ୍ୟବହାର କରିପାରିବେ ।

♦ ୨/୩ ଚାମଚ ଶିକାକାଇ ଗୁଣ୍ଡ, ରାତିରୁ ବତୁରା ଯାଇଥିବା ଗୋଟିଏ ଚାମଚ ମେଥି ଓ ଗୋଟିଏ ଚାମଚ ମୁଗ ଏବଂ ଗୋଟିଏ ଅଣ୍ଡାକୁ ଭଲ ଭାବରେ ମିଶାଇ ଲେପ ତିଆରି କରନ୍ତୁ । ଏହି ଲେପକୁ ସାମ୍ପୁ ଭଳି କେଶରେ ବ୍ୟବହାର କରନ୍ତୁ ।

♦ ଦହି ମଧ୍ୟ କେଶ ପାଇଁ ଲାଭଦାୟକ । ଏହା କେଶକୁ ଚିକ୍କଣ ଓ ଆକର୍ଷଣୀୟ କରିବା ସହ ରୂପି ମଧ୍ୟ କମ୍ କରିଥାଏ । ଗୋଟିଏ କପ୍ ବସା ଦହିରେ ଗୋଟିଏ ଅଣ୍ଡାର କେବଳ ହଳଦିଆ ଅଂଶ ଓ ଗୋଟିଏ ଚାମଚ ଲେମ୍ବୁରସ ମିଶାନ୍ତୁ । ଏହି ପ୍ୟାକ୍‌କୁ କେଶରେ ଲଗାଇ ଅଧଘଣ୍ଟା ପରେ ସଫା କରିଦିଅନ୍ତୁ ।

♦ ଗୋଟିଏ ଚାମଚ ମହୁରେ ଦୁଇ ଚାମଚ ଜଡା ତେଲ ଏବଂ ଗୋଟିଏ ଅଣ୍ଡା ମିଶାଇ ସେହି ମିଶ୍ରଣକୁ କେଶରେ ଲଗାଇପାରିବେ । ଏହାକୁ ଲଗାଇବାର ଗୋଟିଏ ଘଣ୍ଟାପରେ କେଶ ସଫା କରିଦେବେ ।

♦ କେଶରେ ଏକ ଚାମଚ ଘିକୁଆଁରି ରସ, ଗୋଟିଏ ଚାମଚ ଲେମ୍ବୁରସ, ଦୁଇ ଚାମଚ ନଡିଆ କିମ୍ବା ଅଲିଭ ତେଲ ମିଶାଇ ବ୍ୟବହାର କରିପାରିବେ ।

ଫେସିଆଲର ଉପକାରିତା



♦ ଅତି କମ୍‌ରେ ମାସକୁ ଥରେ ଫେସିଆଲ କରିବା ନିହାତି ଜରୁରୀ । ଏହା ତ୍ୱଚାକୁ ଭିତରୁ ସଫା କରେ ।

♦ ଷ୍ଟିମ୍ ବା ବାମ୍ଫ ତ୍ୱଚାକୁ ନିଶ୍ୱାସ ନେବାରେ ସାହାଯ୍ୟ କରେ ।

♦ ଷ୍ଟ୍ରବିଙ୍ଗ୍ କରିବା ଦ୍ୱାରା ମୃତ ଚର୍ମ ଓ ବ୍ଲାକ୍ ହେଡ୍‌ସ ସଫା ହୋଇଥାଏ ।

♦ ତ୍ୱଚାର ମାଲିସ ଦ୍ୱାରା ରକ୍ତ ସଂଚାଳନ ଭଲ ହୁଏ ଓ କ୍ଲାନ୍ତି ଦୂର ହୁଏ ।

♦ ଫେସ୍ ମାସ୍କ୍ ତ୍ୱଚାକୁ କୋମଳ ଓ ଉଜ୍ଜ୍ୱଳ କରେ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୬ ଜାନୁଆରୀ ୨୦୨୧, ବୁଧବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସ୍କୁଲ ଶିକ୍ଷାର ଭବିଷ୍ୟତ...

କରୋନା ମହାମାରୀ ଯୋଗୁ ସାରା ଦେଶରେ ଠପ୍ ହୋଇଯାଇଥିବା ଶିକ୍ଷା ବ୍ୟବସ୍ଥାକୁ ସ୍ୱାଭାବିକ କରାଯିବାର ପ୍ରୟାସ ଏବେ ଆରମ୍ଭ ହୋଇଛି। ଦୀର୍ଘ ନଅ ମାସରୁ ଅଧିକ ସମୟ ଧରି ବନ୍ଦ ରହିଥିବା ସ୍କୁଲ କଲେଜକୁ ପୁଣି ଥରେ ଖୋଲିବା ସକାଶେ ସରକାର ଚିନ୍ତା କରୁଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡକ୍ଟର ରମେଶ ପୋଖରିୟାଲ ନିଶଙ୍କ ସିବିଏସଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ପାଇଁ ସମୟସୂଚୀ ଘୋଷଣା କରିବା ପରେ ଏବେ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ତେବେ ଶିକ୍ଷାନୁଷ୍ଠାନ ଖୋଲିବା ନେଇ କେନ୍ଦ୍ର ସରକାର ସମସ୍ତ ଦାୟିତ୍ୱ ସଂପୃକ୍ତ ରାଜ୍ୟ ସରକାରମାନଙ୍କ ଉପରେ ନ୍ୟସ୍ତ କରିଛନ୍ତି। କେଉଁଠାରେ କରୋନାର କି ପ୍ରକାର ସ୍ଥିତି ରହିଛି ଓ ସେସବୁ ସ୍ଥାନରେ କିପରି ଭାବେ ଶିକ୍ଷାନୁଷ୍ଠାନ ଖୋଲାଯିବ ଓ ଶିକ୍ଷାଦାନ କରାଯାଇପାରିବ, ସଂପୃକ୍ତ ରାଜ୍ୟ ସରକାର ପରିସ୍ଥିତିକୁ ଅନୁଧ୍ୟାନ କରି ତାହା ସ୍ଥିର କରିବେ। ବିଦ୍ୟାଳୟ ଓ ଶ୍ରେଣୀକକ୍ଷ ଅନଲକ୍ କରିବା ସକାଶେ ଦେଶର ବିଭିନ୍ନ ରାଜ୍ୟ ଭିନ୍ନ ଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି। ବିହାର, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଭଳି ରାଜ୍ୟମାନେ ଆଂଶିକ ଭାବେ ବିଦ୍ୟାଳୟ ଖୋଲିବାକୁ ସ୍ଥିର କରିଛନ୍ତି। କିନ୍ତୁ ଆସାମ ଓ ଅନ୍ୟ କେତେକ ରାଜ୍ୟ ସଂପୂର୍ଣ୍ଣ ରୂପେ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାରେ ମଧ୍ୟ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ନିମନ୍ତେ ଆସନ୍ତା ୮ ତାରିଖରୁ ହାଇସ୍କୁଲମାନ ଖୋଲାଯିବ। ରାଜ୍ୟ ସରକାର ଆଗାମୀ କେଇ ମାସ ମଧ୍ୟରେ ଦଶମ ଶ୍ରେଣୀ ପିଲାଙ୍କୁ ଶହେ ଦିନର ଶିକ୍ଷାଦାନ ଜରିଆରେ ଆଗାମୀ ହାଇସ୍କୁଲ ପରୀକ୍ଷା ପାଇଁ ପ୍ରସ୍ତୁତ କରିବେ। ଏପରିକି ଶନିବାର ଓ ରବିବାର ମଧ୍ୟ ପିଲାଙ୍କୁ ପାଠ ପଢ଼ାଯିବ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। କରୋନା ସଂକ୍ରମଣ ଯୋଗୁ ଗତ ମାର୍ଚ୍ଚ ମାସରେ ବିଦ୍ୟାଳୟ ଓ କଲେଜମାନ ବନ୍ଦ ରହିଛି। ଅନଲାଇନ୍ ଶିକ୍ଷାଦାନ ସତ୍ତ୍ୱେ, ଏକଥା ସ୍ୱୀକାର କରିବାକୁ ହେବ ଯେ ଛାତ୍ରଛାତ୍ରୀମାନେ ହିଁ ସବୁଠାରୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଡିଜିଟାଲ ଶିକ୍ଷାଦାନ ଅର୍ଥାତ ଅନଲାଇନ୍ ଶିକ୍ଷା ସମୁଦ୍ରକୁ ଶଙ୍କେ। ଏହା ହୁଏତ ସହରାଂଚଳ ଅବା ସ୍ୱଚ୍ଛଳ ବର୍ଗର ପିଲାମାନଙ୍କୁ କେତେକାଂଶରେ ସହାୟକ ହୋଇଥାଇପାରେ। କିନ୍ତୁ ସମସ୍ତଙ୍କୁ ନୁହେଁ। ପୁଣି ଗୋଟିଏ ଶ୍ରେଣୀକକ୍ଷରେ ସବୁପିଲାଙ୍କ ବୋଧଶକ୍ତି ସମାନ ନୁହେଁ, ମୋବାଇଲ କିମ୍ବା କମ୍ପ୍ୟୁଟର ପର୍ଦ୍ଦାରେ ଶିକ୍ଷକଙ୍କ ପାଠପଢ଼ାକୁ ଶୁଣି ବୁଝିବାର ସାମର୍ଥ ସହ ପିଲାଏ ପୂର୍ବରୁ ଅଭ୍ୟସ୍ତ ନଥିଲେ। ଅଗତ୍ୟା ଆବଶ୍ୟକ ପଢ଼ିବାର ସେମାନଙ୍କ ଉପରେ ତାହା ଲଦି ଦିଆଯିବା ପରି ହୁଏତ ହୋଇଥାଇପାରେ। କେବଳ ଛାତ୍ରଛାତ୍ରୀ ନୁହଁନ୍ତ, ଅନଲାଇନ୍ ଶିକ୍ଷାଦାନ ସହ ସ୍କୁଲ କଲେଜର ଶିକ୍ଷକ, ଅଧ୍ୟାପକମାନେ ମଧ୍ୟ ଅଭ୍ୟସ୍ତ ନୁହଁନ୍ତି। ତେଣୁ ଏହା ଏକ ସାମୟିକ ବ୍ୟବସ୍ଥା ରୂପେ ଗ୍ରହଣ କରାଯାଇଥିଲା। ସେ ଯାହାହେଉ, ଚଳିତବର୍ଷ ସଂକୁଚିତ ପାଠ୍ୟକ୍ରମ ସହ କମ୍ ନମ୍ବରର ପରୀକ୍ଷା କରିବାକୁ ସିଦ୍ଧାନ୍ତ ନିଆଯାଇଛି। ଏହା ବର୍ତ୍ତମାନର ସଂକଟ ବୈତରଣୀକୁ ପାର ହେବାରେ ସହାୟକ ହେବ ନିଶ୍ଚୟ। କିନ୍ତୁ ପରିସ୍ଥିତି ସ୍ୱାଭାବିକ ହେବାପରେ ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କ ମନରେ ଯେଉଁ ଦୁର୍ବଳତାଟି ଉଙ୍କି ମାରିବ ତାହା ସେମିତି ଅପୂର୍ଣ୍ଣ ରହିଯାଇପାରେ। ଏବେ ବିଦ୍ୟାଳୟ ଖୋଲିଲେ ସ୍ୱଳ୍ପସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନେଇ ଶ୍ରେଣୀ କକ୍ଷରେ ପାଠ ପଢ଼ାଯିବ। କିନ୍ତୁ ଗୋଟିଏ କୋଠରିରେ ପଚିଶ ତିରିଶ ପିଲା ଓ ଶିକ୍ଷକଙ୍କ ଉପସ୍ଥିତି କ'ଣ କରୋନା ସଂକ୍ରମଣକୁ ସଂପୂର୍ଣ୍ଣ ପ୍ରତିହତ କରିପାରିବ ନା ବିଦ୍ୟାଳୟ ପରିସରରେ କଡ଼ାକଡ଼ି ଭାବେ ସାମାଜିକ ଦୂରତା ରକ୍ଷାକୁ ସାକାର କରିପାରିବ ? ଏ ପ୍ରଶ୍ନ ହୁଏତ ଅସମାହିତ ରହିଛି। ଏହା ସତ ଯେ, ଇତିମଧ୍ୟରେ ଦେଶରେ କରୋନା ସଂକ୍ରମଣ ମାତ୍ରା କମିଛି ଓ ଏବେ ଏହାର ପ୍ରତିଷେଧକ ଟିକାଦାନ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ପୁଣି ବାର୍ଷିକ ପରୀକ୍ଷାର ଦିନ ନିକଟତର ହୋଇ ଆସୁଥିବା ଯୋଗୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଭଳି ସବୁ ନିଷ୍ପତ୍ତି ଗ୍ରହଣ କରାଯାଉଛି। ବିଦ୍ୟାଳୟ ଅନ୍‌ଲକ୍ ଆରମ୍ଭ ହେଲେ ମହାବିଦ୍ୟାଳୟ ଓ ତା'ପରେ ବିଶ୍ୱବିଦ୍ୟାଳୟମାନ ଖୋଲିବ। ସର୍ବୁଏ ସ୍ୱାଭାବିକତା ଫେରିବାକୁ ଅପେକ୍ଷାରତ। ତଥାପି ଟିକା ଆବିଷ୍କାର ଓ ଟିକାଦାନ ସତ୍ତ୍ୱେ କରୋନା ଭୂତାଣୁ ତା'ର ଗୁଣସୂତ୍ର ବଦଳାଇ ନୂଆ ରୂପରେ ଓ ଘାତକ ସ୍ୱରୂପ ଧାରଣ କରି ବିଭିନ୍ନ ସ୍ଥାନରେ ଦେଖାଦେଇଛି। ତେଣୁ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ, ସମସ୍ତଙ୍କୁ ସତର୍କତାର ସହ ସେଇ କ୍ଲାସରୁମ୍‌କୁ ଲେଉଟିବାକୁ ହେବ। ତେଣୁ ଶିକ୍ଷା, ସୁରକ୍ଷା ଓ ସତର୍କତାର ସହ ସମସ୍ତଙ୍କୁ ଏହି ବାସ୍ତବତାକୁ ଗ୍ରହଣ କରିବାକୁ ହେବ।

ଆମ ଗାଆଁ ନଈ...

ସୁଦର୍ଶନ ମହାପାତ୍ର

ସେହି ଏକା ନଈ କେତେ ତୁଠ ଦେଇ
ଧିରେ ଧିରେ ଯାଏ ବହି
କୁଳୁକୁଳୁ ହୋଇ ଶୁଣାଏ ସଙ୍ଗୀତ
ଅନ୍ତରକୁ ଯାଏ ଛୁଇଁ ।
ପବନ ପରଶେ ନଈ ପାଣି କେବେ
ମୃଦୁ ଲହରି ଖେଳାଏ
କୁଆରିଆ ହୋଇ ପାଶେ ଆସି ଯାଇ
ମନ କଥା ପୁଣି କହେ ।
ବାଗୁଡ଼ି ଖେଳରେ ରଜ ବାଜା ଶୁଣି
ହୃଦୟେ ବେପଥୁ ଜାଗେ
ନଈ କୂଳ ସତେ ମେଳଣ ପଡିଆ
କେତେ ଶୋଭାମୟ ଲାଗେ ।
ଆହା କି ସୁନ୍ଦର ଝଙ୍କା ବରଗଛ
ନଈରେ ଦିଶଇ ଛାଇ
ସବୁଜ ପତରେ ଆଚ୍ଛାଦିତ ସଦା
ରହିଛି ସ୍ମାରକୀ ହୋଇ ।
ଚିତି ପହଁରାର ନିଆରା କୌଶଳ
ନଈ ବତାଇଲା ସତେ
ଚିଙ୍ଗୁଡି କଙ୍କଡା ଅବା ମାଛଧରା
ଶିଖାଇ ଦେଇଛି ସାଥେ ।
ହୁଲି ଡଙ୍ଗା ଧରି ନଈ ଆର ପାରି
କେବେ ଯଦି କେହି ଯାଏ
ଲାଗୁଥାଏ ସତେ ଲଂଘି ଆସିଅଛି
ଅସୀମ ସମୁଦ୍ର ଟିଏ ।
ଘଟଣା ଅନେକ ସ୍ମୃତି ବିଜଡ଼ିତ
ସତେ ସେଇ ପିଲାବେଳ
ନାନା ଜାତି ଖେଳ ସାଙ୍ଗସାଥୀ ମେଳ
ସାକ୍ଷୀ ସେଇ ନଈକୂଳ ।

+କୁଞ୍ଜବିହାରୀ ଲେନ, କଟକ
ମକୁନ୍ଦପୁର,ବାଙ୍କି,କଟକ

ଗଣନେତୃତ୍ୱ ହିଁ ଗଣତନ୍ତ୍ର

ସୌମେନ୍ଦ୍ର ଜେନା

ଜାମ୍ମୁ -କାଶ୍ମୀରର ନବନିର୍ବାଚିତ ୨୮୦ ଜିଲ୍ଲା ପରିଷଦ ସଦସ୍ୟଙ୍କ ମଧ୍ୟରୁ ୨୭୮ଜଣ ସଦସ୍ୟଙ୍କ ଶପଥ ଗ୍ରହଣ ଉତ୍ସବ ଶେଷ ହୋଇଛି । ଏହି ସମସ୍ତ ସଦସ୍ୟମାନେ ଭାରତର ସମ୍ବିଧାନ ଅନୁଯାୟୀ ପ୍ରଥମଥର ପାଇଁ ଶପଥ ନେଇଥିଲେ । କାରଣ ଧାରା ୩୭୦ ହଟିବା ପୂର୍ବରୁ ଜାମ୍ମୁ-କାଶ୍ମୀରରେ ଭାରତର ସମ୍ବିଧାନ ଅନୁଯାୟୀ ଶପଥ ଗ୍ରହଣ ହେଉନଥିଲା । ଏପରିକି ପାକ୍ ପତାକାକୁ ଉଡାଇବା ପାଇଁ ଧମକ ଦେଉଥିବା ମେହବୁବା ମୁଫ୍‌ତିଙ୍କ ପିଡିପି ଏବଂ କାଶ୍ମୀରରେ ଚୀନ ଶାସନ ଆବଶ୍ୟକ ବୋଲି କହୁଥିବା ଫାରୁଖ ଅବଦୁଲ୍ଲାଙ୍କ ପାର୍ଟି ନେସ୍‌ନାଲ କନଫରେନ୍ସର ସଦସ୍ୟମାନେ ମଧ୍ୟ ଭାରତର ସମ୍ବିଧାନ ନାମରେ ଶପଥ ଗ୍ରହଣ କରିଥିଲେ । ତେବେ ଶ୍ରୀନଗରରୁ ନବନିର୍ବାଚିତ ବିଜେପି ସଦସ୍ୟ ଇଞ୍ଜିନିୟର ଏଜାଜ୍ ଅହମ୍ମଦ ଶପଥ ଗ୍ରହଣ ପରେ ବନ୍ଦେ ମାତରମ୍ ଏବଂ ଭାରତମାତାକୀ ଜୟ ସ୍ଲୋଗାନ ଦେଇଥିଲେ । ଜେଲ୍‌ରେ ଥିବା ଜଣେ ପିଡିପି ସଦସ୍ୟ ଓ୍ୱାହିଦ ଉର୍ ରହେମାନ୍ ପାରା ଏବଂ ନାଗରିକତ୍ୱ ନେଇ କୁପଓ୍ୱାଡାର ଏକ ସ୍ଥାନରେ ମତଗଣନା ସ୍ଥଗିତ ରହିଛି । ଏହି ନିର୍ବାଚନ ପରେ ୬୦୦୦ କାଶ୍ମୀରୀ ପଣ୍ଡିତ, ୧୩୦୦୦ ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ରାଜ୍ୟପାଳ ମନୋଜ ସିହ୍ନା ପ୍ରକାଶ କରିଛନ୍ତି । ଆଗାମୀ ୫ମାସ ମଧ୍ୟରେ ୪୦୦୦ ଫ୍ଲାଟ୍ କାଶ୍ମୀରୀ ପଣ୍ଡିତଙ୍କୁ ଯୋଗାଇ ଦିଆଯିବା ସହ ଅବଶିଷ୍ଟ ଫ୍ଲାଟ ଆଗାମୀ ଦୁଇ ବର୍ଷ ମଧ୍ୟରେ ହସ୍ତାନ୍ତରିତ ହେବ ।

ନିକଟରେ କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ ଓ କାଶ୍ମୀର ଜିଲ୍ଲା ବିକାଶ ପରିଷଦର ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିଲା । ଅଗଷ୍ଟ ୨୦୧୯ରେ ସଂସଦରେ ଜାମ୍ମୁ ଓ କାଶ୍ମୀର ପୁନର୍ଗଠନ ବିଲ-୨୦୧୯ ଗୃହୀତ ହେବାପରେ ଜାମ୍ମୁ-କାଶ୍ମୀର ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା । ଗୋଟିଏ ଜାମ୍ମୁ ଓ କାଶ୍ମୀର ଥିଲାବେଳେ ଲଦାଖକୁ ଅନ୍ୟ ଏକ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ୩୧ ଅକ୍ଟୋବର ୨୦୧୯ରୁ ଏହା ଆଇନରେ ପରିଣତ ହେବାପରେ କେନ୍ଦ୍ର ସରକାର ଓଡିଆ ଆଇଏଏସ୍ ଅଧିକାରୀ ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭାବେ ଜାମ୍ମୁ ଓ କାଶ୍ମୀରକୁ ପଠାଇଥିଲେ । ତାଙ୍କ କାର୍ଯ୍ୟକାଳ ସରିବା ଯୋଗୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନାଙ୍କୁ ଦ୍ୱିତୀୟ ଲେଫ୍ଟନାଣ୍ଟ ଗଭର୍ଣ୍ଣର କରି ପଠାଯାଇଥିଲା । ଦୀର୍ଘ ସତୁରୀବର୍ଷରୁ ଅଧିକ ସମୟ ଧରି ଶାସନଗତ ଅସ୍ଥିରତା, ସନ୍ତ୍ରାସବାଦ, ପାରିବାରିକ ଶାସନତନ୍ତ୍ର ହଟାଇ ଜନ ପ୍ରତିନିଧିଙ୍କ ପ୍ରାଧାନ୍ୟ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ ୫ ଅଗଷ୍ଟ ୨୦୧୯ରେ ରାଜ୍ୟରୁ ଧାରା ୩୭୦ ଏବଂ ୩୫-ଏକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିଲା । ପୂର୍ବରୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା । ପିଡିପି ସରକାରର ପତନ ପରେ ରାଜ୍ୟରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ସହ ରାଜନେତାମାନଙ୍କ ସଂପୃକ୍ତି ବଢିବା ଫଳରେ ସଂଶୟ ଏବଂ ଅସ୍ଥିରତା ବୃଦ୍ଧି ପାଇଥିଲା । ଦୀର୍ଘ ବର୍ଷ ଧରି ଦେଶର ମୁଖ୍ୟଧାରାଠାରୁ ଜାମ୍ମୁ-କାଶ୍ମୀରକୁ ଅଧିକ ସୁବିଧା ଦେବାଲାଗି ଯେଉଁ ଧାରା ୩୭୦ ଏବଂ ୩୫-ଏର ବ୍ୟବସ୍ଥା ରହିଥିଲା ତାହା ପରବର୍ତ୍ତୀ ସମୟରେ ଦେଶର ଅଖଣ୍ଡତା ପ୍ରତି ଆହ୍ୱାନ ସୃଷ୍ଟି କରିଥିଲା । ରାଜ୍ୟର ପ୍ରମୁଖ ଦଳଗୁଡିକ ଏହି ଆଳରେ ସୀମିତ ଲୋକଙ୍କ ହାତରେ କ୍ଷମତାକୁ ଠୁଳକରି ସାଧାରଣ ଜନତାଙ୍କ ବିକାଶକୁ ଅଣଦେଖା କରି ଆସୁଥିଲେ । ଯେଉଁଥି ପାଇଁ ଅଶିକ୍ଷା, ଦାରିଦ୍ର୍ୟ, ଅସମାନତା, ଅସହଯୋଗ ପରି ସମସ୍ୟା ଦେଖାଦେଇଥିଲା । ରାଜ୍ୟକୁ ଯାଉଥିବା କେନ୍ଦ୍ରର ଅର୍ଥକୁ ସନ୍ତୁଳିତ ବଣ୍ଟନ ବ୍ୟବସ୍ଥାରେ ଉପଯୋଗ କରା ନଯିବା ଯୋଗୁ ଲଦାଖ ଅଞ୍ଚଳର ଲୋକେ ସେମାନଙ୍କ ଅଞ୍ଚଳ ତୁଳନାରେ କମ୍ ଅର୍ଥ ଓ ଗୁରୁତ୍ୱ ପାଉଥିଲେ । ଶାସନପାଇଁ ଜାମ୍ମୁ ଓ ଶ୍ରୀନଗରରେ ଦୁଇଟି ରାଜଧାନୀ ରହିଥିଲା । ଶ୍ରୀନଗରଠାରେ ମଇ-ଅକ୍ଟୋବର ଏବଂ ଜାମ୍ମୁରେ ନଭେମ୍ବର-ଏପ୍ରିଲ ଯାଏଁ ରାଜଧାନୀ କାର୍ଯ୍ୟ କରୁଥିଲା । ୪ ରାଜ୍ୟସଭା, ୫ ଲୋକସଭା ସାଂସଦ ଥିବା ଏହି କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ଜନସଂଖ୍ୟା ୨୦୧୧ର ଜନଗଣନା ଅନୁଯାୟୀ ଏକ କୋଟି ୨୨ଲକ୍ଷରୁ ଅଧିକ । କାଶ୍ମୀରୀ , ଡୋଗ୍ରୀ, ଉର୍ଦ୍ଦୁ, ହିନ୍ଦୀ, ଇଂରାଜୀ ପରି ସରକାରୀ ଭାଷା ଏଠାରେ ପ୍ରଚଳିତ ଥିବା ସତ୍ତ୍ୱେ ପଞ୍ଜାବୀ, ପାହାଡୀ, ଗୋଜିରୀ, ଦାଦ୍ରୀ, ଭଦରଓ୍ୱାହୀ, ବଟେରୀ, ସିନା, ବୁରୁସାଷ୍କୀ, ଖୋଓ୍ୱର ପରି ଭାଷା ଲୋକଙ୍କ ମଧ୍ୟରେ ପ୍ରଚଳିତ ରହିଛି ।

ନିର୍ବାଚନ ଫଳାଫଳକୁ ସମୀକ୍ଷା କଲେ ଜଣାପଡିବ ଯେ ଧାରା ୩୭୦କୁ ବିରୋଧ କରିବାକୁ ଯାଇ ମେହବୁବା ମୁଫତିଙ୍କ ଦଳ ପିଡିପି ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ସରକାରରେ ଥାଇ ମୁଫତି ଯେପରି ସବୁକଥାରେ ପୂର୍ବରୁ ଅହଂକାର ଦେଖାଇ ଆସୁଥିଲେ ଏବଂ ଧାରା ୩୭୦ ହଟିଗଲେ କାଶ୍ମୀରରେ କେହି ତ୍ରିରଙ୍ଗା ଧରିବାକୁ ରହିବେ ନାହିଁ ବୋଲି ରାଷ୍ଟ୍ରବିରୋଧୀ ଆଭିମୁଖ୍ୟ ପ୍ରକାଶ କରି ଧମକ ଦେଉଥିଲେ ତାହା ଆଗାମୀ ଦିନମାନଙ୍କରେ ହୋଇପାରିବ ନାହିଁ । ତେବେ ଗୁପ୍‌କାର ଗୋଷ୍ଠୀଗଠନ କରି ଫାରୁକ୍ ଅବଦୁଲ୍ଲା ଘାଟୀ ଅଞ୍ଚଳରେ ନିଜ ସ୍ଥିତିକୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ ହେଁ ଶ୍ରୀନଗରରେ କୌଣସି ବଡ ରାଜନୈତିକ ଦଳ ବିଜୟୀ ହୋଇନପାରିବା ଲୋକଙ୍କ ମନୋଭାବକୁ ସ୍ପଷ୍ଟ କରିଦେଇଛି । ନିର୍ବାଚନରେ ୪୯ଜଣ ସ୍ୱାଧୀନପ୍ରାର୍ଥୀ ବିଜୟୀ ହେବା ଆଗାମୀ ଦିନର ଶୁଭସଂକେତ ବୋଲି କହିବାକୁ ହେବ । ଜାମ୍ମୁ-କାଶ୍ମୀରର ଜିଲ୍ଲା ବିକାଶ ପରିଷଦ ନିର୍ବାଚନରେ ଅନେକ ଶିକ୍ଷିତ ଯୁବଶକ୍ତି ଏବଂ ମହିଳା ରାଜନୀତିକୁ ଆସିବା ଦ୍ୱାରା ବିକଳ୍ପ ନେତୃତ୍ୱ ଗଢିଉଠିବା ସମ୍ଭାବନା ଦେଖାଦେଇଛି । ଆଜିଯାଏ ଅବଦୁଲ୍ଲା ଓ ମୁଫତିଙ୍କ ପରିବାର ହିଁ କ୍ଷମତାର କେନ୍ଦ୍ରରେ ରହି ଯେପରି ସବୁକିଛି ନିୟନ୍ତ୍ରଣ କରି ଆସୁଥିଲେ ତାହା ଆଗାମୀ ଦିନରେ କ୍ଷତିଗ୍ରସ୍ତ ହେବ ବୋଲି ଜଣାପଡିଲାଣି । ନିର୍ବାଚନ ହୋଇପାରିବ ନାହିଁ ବୋଲି ଯେଉଁମାନେ ପୂର୍ବରୁ କହି ଆସୁଥିଲେ ସେମାନଙ୍କ ପାଟି ଚୁପ୍ ହୋଇଯାଇଛି । ଗାତ୍ରଦାହୀ ପାକ୍‌ର ଶୂଳବେଦନା ଏହି ନିର୍ବାଚନ ବଢାଇ ଦେଇଛି । ତେଣୁ ଫଳାଫଳ ଘୋଷଣା ପୂର୍ବରୁ ସୀମାନ୍ତରେ ପାକ୍‌ପକ୍ଷରୁ ଅଧିକ ସମରସଜ୍ଜା ହୋଇଥିଲା । ନିର୍ବାଚନ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି ପାଇଁ ପାକ୍ ପକ୍ଷରୁ ଭିନ୍ନ ଭିନ୍ନ ସୀମାନ୍ତ ଅଞ୍ଚଳରେ ଯେପରି ଆକ୍ରମଣ ହୋଇଥିଲା ତାକୁ ଭାରତର ସୁରକ୍ଷା ବାହିନୀ କଡା ଜବାବ ଦେଇଥିଲେ । ନିର୍ବାଚନରେ ବିଜେପି ଜାମ୍ମୁ ଅଞ୍ଚଳରେ ନିଜର ପ୍ରଭାବକୁ କାଏମ ରଖିଥିଲା ବେଳେ ନେସନାଲ୍ କନ୍‌ଫରେନ୍ସ କାଶ୍ମୀରରେ ନିଜର ପ୍ରଭାବକୁ ବଜାୟ ରଖିବାକୁ ସକ୍ଷମ ହୋଇଛି । ବିଜେପି ଏକକ ବଡ ଦଳଭାବେ ସବୁଠୁ ଅଧିକ ଭୋଟ ଏବଂ ଆସନ ଲାଭ କରିଛି । କିନ୍ତୁ ଦଳର ପୂର୍ବତନ ମନ୍ତ୍ରୀ ଶାମଲାଲ ଚୌଧୁରୀ ଜାମ୍ମୁର ସୁଚେତଗଡ ଆସନରେ ମାତ୍ର ୧୧ଟି ଭୋଟରେ ହାରିଯାଇଛନ୍ତି । ସେମିତି ଡୋଡା ଜିଲ୍ଲାରେ ଦଳର ପୂର୍ବତନ ମନ୍ତ୍ରୀ ଶକ୍ତିରାଜ ପରିହାର ପରାଜୟର ସମ୍ମୁଖୀନ ହୋଇଛନ୍ତି । କିନ୍ତୁ ଭିନ୍ନ ଭିନ୍ନ ଦଳର ପାଞ୍ଚଜଣ ପୂର୍ବତନମନ୍ତ୍ରୀ ଏହି ନିର୍ବାଚନରେ ବିଜୟୀ ହୋଇଛନ୍ତି । ସେମାନେ ହେଲେ ବାରମୂଳା ଜିଲ୍ଲାର ଉରି ତହସିଲ ଅନ୍ତର୍ଗତ ପାରେନପିଲ୍ଲାନ ଆସନରୁ କଂଗ୍ରେସର ତାଜ୍ ମୋହିଉଦ୍ଦୀନ, ରିଆସୀର ଥୁରୁ ଆସନରୁ ଅଜାଜ ଅହମ୍ମଦ ଖାଁ ଏବଂ ରାଜୌରୀର ମଞ୍ଜାକୋଟ ଆସନରୁ ସବୀର ଅହମ୍ମଦ ଖାଁ । ନେସନାଲ କନ୍‌ଫରେନ୍ସ ଦୁଇଜଣ ପୂର୍ବତନମନ୍ତ୍ରୀ ରିଆସୀ ଜିଲ୍ଲାରୁ ଅବଦୁଲ ଗନି ଏବଂ ଜଗଜୀବନ ଲାଲ ବିଜୟୀ ହୋଇଛନ୍ତି । ଗୁପକାର ଗୋଷ୍ଠୀ (ପିଏଜିଡି)ରେ ଥିବା ସାତଗୋଟି ଦଳ ଯଥା ନେସନାଲ କନ୍‌ଫରେନ୍ସ , ମୁଫତିଙ୍କ ପିଡିପି, ହକିମ ମହମ୍ମଦ ୟାସିନ ଶାହଙ୍କ ଜାମ୍ମୁ-କାଶ୍ମୀର ପିପୁଲ୍ସ ଡେମୋକ୍ରାଟିକ୍ ଫ୍ରଣ୍ଟ, ଜାଭିଦ ମୁସ୍ତଫାଙ୍କ ଜାମ୍ମୁ-କାଶ୍ମୀର ପିପୁଲ୍ସ ମୁଭମେଣ୍ଟ, ସଜ୍ଜାଦ ଲୋନେଙ୍କ ଜାମ୍ମୁ -କାଶ୍ମୀର ପିପୁଲ୍ସ କନ୍‌ଫରେନ୍ସ, ମୁଜାଫର ଶାହଙ୍କ ଆୱାମୀ ନେସନାଲ କନ୍‌ଫରେନ୍ସ ଏବଂ ସିପିଏମ୍ ମିଳିତ ଭାବେ ଯେତେ ଅଧିକ ଆସନ ପାଇବା ଲାଗି ଆଶା ରଖିଥିଲେ ତାହା ସଫଳ ହୋଇପାରିନାହିଁ । ବିଜେପି ପ୍ରଥମଥର ପାଇଁ କାଶ୍ମୀର ଘାଟୀରେ ୩ଟି ଆସନ ପାଇବା ବଡକଥା । ପୁଲୱାମାର କାକାପୋରାରୁ ମିନହୀ ଲତିଫ, ବାନ୍ଦିପୋରାର ତୁଲୈଲରୁ ଐଜାଜ ଅହମ୍ମଦ ଖାଁ, ଶ୍ରୀନଗର ଖୋନ୍ ମୋହ -୨ରୁ ଐଜାଜ୍ ହୁସେନ ବିଜେପି ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି । ଏହି ନିର୍ବାଚନରେ ୧୦୦ରୁ କମ୍ ଭୋଟରେ ୧୯ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୮ଜଣ ସ୍ୱାଧୀନ, ୩ଜଣ ବିଜେପିର, ଦୁଇଜଣ ଲେଖାଏଁ ନେସନାଲ କନ୍‌ଫରେନ୍ସ ଓ କଂଗ୍ରେସର ଜଣେ ଲେଖାଏଁ ଜାମ୍ମୁ-କାଶ୍ମୀର ଆପନୀ ପାର୍ଟି, ପିଡିଏଫ୍ ଏବଂ ପିପୁଲ୍ସ କନଫରେନ୍ସର ରହିଛନ୍ତି ।

୨୮ନଭେମ୍ବରରୁ ୧୯ଡିସେମ୍ବର ଯାଏ ଚାଲିଥିବା ଆଠ ପର୍ଯ୍ୟାୟର ମତଦାନରେ ୧୩,୨୪୧ ପଞ୍ଚାୟତ ଆସନ ପାଇଁ ମତଦାନ ହୋଇଥିଲା । ଗତ ୨୮ବର୍ଷ ଧରି ଜାମ୍ମୁ-କାଶ୍ମୀରରେ ପଞ୍ଚାୟତ ଆଇନ କାର୍ଯ୍ୟକାରୀ ହୋଇପାରୁନଥିଲା । ୧୯୯୧ରେ ଗୁଜ୍ଜର ବକରୱାଲ ପରି ଜନଜାତିର ଲୋକଙ୍କୁ ସୁବିଧା ଦେବା

ଓଡ଼ିଶାର ଅର୍ଥନୈତିକ ବିକାଶ

ଅକ୍ଷୟ ପଣ୍ଡା
ଆଳି, ଲୋକାପଡ଼ା
ମୋ - ୯୩୩୭୪୯୨୩୦୭

ଶାନ୍ତି ର କେନ୍ଦ୍ରଭୂମି କେନ୍ଦ୍ରାପଡ଼ା । ଯେଉଁଠି ପ୍ରଭୁ ବଳଦେବଜୀଉ ସ୍ୱୟଂ ବିଦ୍ୟମାନ । ନୂଆ ବର୍ଷରେ ପ୍ରଭୁଙ୍କ ନୂଆ ବେଶ କଥା ଶୁଣି ଭକ୍ତମାନଙ୍କର ଇଚ୍ଛା ଶକ୍ତି ଶତ ଗୁଣିତ ହୋଇଥିଲା । ସେଥିରୁ ମୁଁ ମଧ୍ୟ ବାଦଯାଇ ନଥିଲେ ।

ଏତେ ଦିନ ବ୍ୟବଧାନରେ ବଳଦେବ ଜୀଉଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଥିଲି । ମୋ ବ୍ୟଥିତ ମନରେ ବଢି ଯାଇଥିଲା ଆତ୍ମ ବିଶ୍ୱାସ, ଦେହରେ ବଳ ଆଉ ମୁଁହରେ ହସ । ପୂଜା ଅର୍ଚ୍ଚନା ଶେଷ କରି ଫେରୁଥିଲି । ଅଚାନକ ବନ୍ଧୁ ହିମାଂଶୁ ବାବୁଙ୍କର ଦେଖା ହେଲା । ମୁଁ ତାଙ୍କୁ କହିଲି ଆଜି ବହୁତ ଭଲ ହେଲା । ବଳଦେବ ଜୀଉଙ୍କ ଦର୍ଶନ ସଙ୍ଗେ ସଙ୍ଗେ ବନ୍ଧୁର ଦର୍ଶନ ହୋଇଗଲା ।

ଅର୍ଥନୀତିର ଅଧ୍ୟାପକ ହିମାଂଶୁ ବାବୁ ସହିତ ଆଳପ ଆଲୋଚନା କଲା ବେଳେ ମୁଁ ନିଜର ସମସ୍ୟା ଅପେକ୍ଷା ଦେଶ ଓ ରାଜ୍ୟର ସମସ୍ୟା ଉପରେ ପ୍ରାଧାନ୍ୟ ଦିଏ । ସେଥିପାଇଁ ସେ ସବୁବେଳେ କୁହନ୍ତି "ରାଜ୍ୟର ହାଲ ଚାଲ କଣ ?"

ନୂଆ ବର୍ଷରେ କରୋନା ଟିକା ଦେବା ଆରମ୍ଭ ହେଲାଣି । ଆଠ ତାରିଖ ଠାରୁ ସ୍କୁଲ ଦରଓ୍ୱାଜା ଖୋଲିଯିବ । କଳ କାରଖାନା ଭଲ ଭାବରେ ଚାଲୁ ହୋଇଯିବ । ହେଲେ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନେ । ଗାଁ ମାଟି ଛାଡ଼ି ଯିବାକୁ ନାଁ ଧରୁ ନାହାଁନ୍ତି । ବାବୁ କହିଲେ ଜୀବନ ଠାରୁ ଜବୀକା ଟା ବଡ଼ ନୁହେଁ । ଏବେ ବ୍ରିଟେନର ହାଲ ଦେଖୁଛି । ନୂଆ ଧରଣର କରୋନା କି ଭଳି ସଂକ୍ରମଣ କରୁଛି ।

କଥା ପ୍ରସଙ୍ଗରେ ମୁଁ କହିଲି କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ଜଗତସିଂହପୁର ଅଞ୍ଚଳରେ କଣ କଳ କାରଖାନା ଖୋଲି ପାରିବନି । ହସି ହସି ହିମାଂଶୁ ବାବୁ କହିଲେ ହଁ ହୋଇପାରିବ । ମାତ୍ର ଏହା ଏକ ଲମ୍ବା ପ୍ରକ୍ରିୟା ।

କଳ କାରଖାନା ପାଇଁ ଜମି, କଞ୍ଚାମାଲ, ଶ୍ରମିକ, ଉଦ୍ୟୋକ୍ତା ବିଜୁଳି ଶକ୍ତି ପରିବହନର ସୁବିଧା ଓ ବଜାର ଆବଶ୍ୟକ । ସେ ସବୁରୁ କଛିଟା କମି ହେଲେ ଏପରି କାର୍ଯ୍ୟ ଏକ ଦିବା ସ୍ୱପ୍ନ ହୋଇଯିବ । ତା ପରେ ଉପକୂଳ ଅଞ୍ଚଳ କାହିଁକ ସାରା ଓଡ଼ିଶାର ବିକାଶ ହେଲେ ଦେଶର ବିକାଶ ହୋଇପାରିବ । ସେଥିପାଇଁ ଦେଖିବାକୁ ହେବ କେଉଁ ଜାଗା କିପରି କେଉଁ କଳକାରଖାନା ପାଇଁ ଉପଯୋଗୀ । ମୁଁ ମୋର ମତାମତ ରଖି କହିଲି ଆମ ରାଜ୍ୟରେ ୩୦ ଟି ଜିଲ୍ଲା ୫୮ ଟି ସବ୍‌ଡ଼ିଭିଜନ୍‌ସ, ୩୧୭ ଟି ତହସିଲ ଓ ୩୧୪ ଟି ବ୍ଲକ୍ ଅଛି । ସେଥି ମଧ୍ୟରୁ ସାତଟି ଜିଲ୍ଲା ସମ୍ପୂର୍ଣ୍ଣ ରୂପେ ସମୁଦ୍ର ସହିତ ସଲଗ୍ନ । ସେଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗସିଂହପୁର, ପୁରୀ ଓ ଗଞ୍ଜାମ । ଏହାଛଡ଼ା କଟକ ଓ ଖୋର୍ଦ୍ଧା ଆଶିକ ରୂପେ ସମୁଦ୍ର ସହିତ ସଲଗ୍ନ । ଆଉ ରାଜ୍ୟ ଉପକୂଳ ବେଳାଭୂମି ଗୁଡ଼ିକର ବିକାଶ ହେଲେ ଅର୍ଥନୈତି ବିକାଶ ହୋଇପାରିବ । ପର୍ଯ୍ୟଟନ ଶିଳ୍ପ - ଓଡ଼ିଶାର କେତେକ ବେଳାଭୂମି ବିକାଶ ଲାଭ କରି ପର୍ଯ୍ୟଟକ ମାନଙ୍କର ଭିଡ଼ ଛୁଟିଛି । ଅନ୍ୟ କେତେକ ବେଳାଭୂମି ବିକାଶର ଗତି ଅତି ମନ୍ଥର ଗତିରେ ଚାଲିଛି । ସେଗୁଡ଼ିକ ହେଲା ଜଗସିଂହପୁର, ଶିଆଳି, କେନ୍ଦ୍ରାପଡ଼ାର ଗହିରିମଥା ଓ ପେଣ୍ଡୁ, ବାଲେଶ୍ୱର ଡ଼ଗରା ଓ ଚାନ୍ଦପୁର, ଗଞ୍ଜାମର ଧବଳେଶ୍ୱର ଓ ଆରୟାପଲ୍ଲୀ ବେଳାଭୂମିର ବିକାଶ ଆବଶ୍ୟକ ।

ଏହାର ସୌନ୍ଦର୍ଯ୍ୟ କାରଣ, ପର୍ଯ୍ୟଟନ ମାନଙ୍କର ଆଶ୍ରୟ ସ୍ଥଳି ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ବିପଦ ସଙ୍କୁଳ ଜାଗା ମାନଙ୍କୁ ଚିହ୍ନଟ କରି ସମୁଦ୍ର ଭିତରକୁ ନ ପ୍ରବେଶ କରିବା ପାଇଁ ନିଦ୍ଦଷ୍ଟ ସ୍ଥାନରେ ରୋଧକ ମାନ ନିର୍ମାଣ କରିବା ଦରକାର ।

ବୃକ୍ଷରୋପଣ - ସମୁଦ୍ର ବେଳାଭୂମିରେ ଝାଉଁ, ନଡ଼ିଆ, କାଜୁ, ଆକାଶି, ଗୁଆ, ତାଳ ଗଛ ଲଗାଇଲେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପରିବେଶର ସୁରକ୍ଷା ଓ ଅର୍ଥନୈତିକ ବିକାଶ ପାଇଁ ବାଟ ଫିଟବ ।

ଜାହାଜ ନିର୍ମାଣ କରାଖାନା ପାଇଁ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ସବୁଧା ସୁଯୋଗ ଭରି ରହିଛି । ସରକାରୀ ଓ ବେସରକାରୀ ସଂସ୍ଥାରେ ଉଦ୍ୟୋକ୍ତା ମାନେ ଏହାର ସୁବିନିଯୋଗ କରିପାରିଲେ ନିଶ୍ଚୟ ବିକାଶ ହେବ । ସବୁଜ ବିପ୍ଳବ ପରି ଓଡ଼ିଶାର ହେଉ ନୀଳ ବିପ୍ଳବ । ମାଛ ଧରା କେନ୍ଦ୍ରମାନ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରତିଷ୍ଠା କରାଯାଉ । ଗରୀବ ମାଛଧରାଳି ମାନଙ୍କୁ ଉପଯୁକ୍ତ ତାଲିମ ଦେବା ସହିତ ସେମାନଙ୍କୁ ବିନା ମୂଲ୍ୟରେ ଟଲର, ବୋଟ, ନାଆ, ଡୁଙ୍ଗୀ ଓ ଆଧୁନିକ ଉପକରଣ ମାନ ପ୍ରଦାନ କରାଗଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ହେବ ।

ସମୁଦ୍ରଜାତ ଦ୍ରବ୍ୟ ଗୁଡ଼ିକ ପ୍ରକ୍ରିୟାକରଣ ମାଧ୍ୟମରେ ଅଧିକ ଉପଯୋଗୀ ହୋଇପାରେ । ମାଛ ପ୍ରକ୍ରିୟାକରଣ ମାଧ୍ୟମରେ ଟିନ୍‌ପ୍ୟାକ କରି ବିଦେଶକୁ ରପ୍ତାନୀ କରାଯାଇପାରେ । ଅବଶିଷ୍ଟ ଅନାଦୃତ ଅଂଶ ବିଶେଷକୁ ପଶୁମାନଙ୍କ ପାଇଁ ଶୁଷ୍କ ପଶୁ ଆହାର ରୂପ ପରିଣତ କରାଯାଇପାରେ । ଏହା ଦ୍ୱାରା ମାଂସହାରୀ ପଶୁମାନଙ୍କ ପାଇଁ ବିଦେଶରୁ ଆମଦାନି ହେଉଥିବା ପଶୁ ଆହାରର ଆବଶ୍ୟକତାକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରିପାରିବ । ଜଗସିଂହପୁର ଲୋକ କହନ୍ତି ।

"ଆସଇ ଆମର ଧନ । ବଢେଇ ଦେଲେ । ଧାନ ପାନ ମୀନ ।"

ଖାଦ୍ୟ ପ୍ରକ୍ରିୟା କରଣ ମାଧ୍ୟମରେ ଧାନ ଚୋପାରୁ ମଧ୍ୟ ତେଲ ବାହାର କରାଯାଇପାରେ । ନଡ଼ିଆ ରୁ ତେଲ ଓ ନଡ଼ିଆ ପାଉଡ଼ର ପ୍ରସ୍ତୁତ କରିପାରିଲେ । ତା ମୂଲ୍ୟ ବୃଦ୍ଧି ହୁଏ । ଶଙ୍ଖରୁ ଶଙ୍ଖା, ମାଛରୁ ତେଲ, ଟମାଟୋରୁ ଜାମ ଜେଲି ଆଦି ପ୍ରସ୍ତୁତ ପାଇଁ ଉପକୂଳ ଅଞ୍ଚଳରେ ବ୍ୟାପକ ସୁବିଧା ଅଛି । ଶିଶୁ ଆହାର, ବିସ୍କୁଟ, ଚକଲେଟ୍ ଆଦି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ବିକାଶ କରାଯାଇ ପାରିଲେ ଯୁବକ ଯୁବତୀମାନଙ୍କୁ କର୍ମ ନିଯୁକ୍ତି ପାଇଁ ବ୍ୟାପକ ଯେତ୍ର ମିଳିବ । ଔଷଧ ନିର୍ମାଣ ପ୍ରକଳ୍ପ ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ସୁବିଧା ସୁଯୋଗମାନ ଭରି ରହିଛି । ଉଦ୍ୟୋକ୍ତାମାନଙ୍କ ପାଇଁ ଏ ବେଳାଭୂମି ସ୍ୱର୍ଗ ସମାନ । ଔଷଧିୟ ଗୁଳ୍ମ ବୃକ୍ଷ ଲତା ଏ ଅଞ୍ଚଳରେ ଭରପୁର ହୋଇ ରହିଛି । ଏଗୁଡ଼ିକ ଉପଯୁକ୍ତ ଭାବେ ବ୍ୟବହାରରେ ଆସିଲେ ଅନେକ ରୋଗୀମାନେ ରୋଗମୁକ୍ତ ହୋଇପାରିବେ ।

ସମୁଦ୍ର ଢେଉରୁ (Tidal Energy) ଶକ୍ତି ସଂଗ୍ରହର ପାଇଁ ଓଡ଼ିଶାରେ ବ୍ୟାପକ କ୍ଷେତ୍ର ଅଛି । ଯାହାର ଉତ୍ପାଦନ କରି ଉପଭୋକ୍ତା ମାନଙ୍କର ବିଜୁଳୀ ଶକ୍ତି ସଙ୍କଟକୁ ପୂରଣ କରାଯାଇପାରେ । ଏହାଛଡ଼ା କୃଟିର ଶିଳ୍ପ ଉପରେ ବିଶେଷ ଧ୍ୟାନ ଦେଲେ କିଛି ଆୟ ବୃଦ୍ଧି ହୋଇପାରେ ।

ଆଲୋଚନ ପର୍ଯ୍ୟାଲୋଚନା ମାଧ୍ୟମରେ ମୁଁ ଭୁଲି ଯାଇଥାଏ ସମୟ । ତେବେ ହିମାଂଶୁ ବାବୁ କହିଲେ ମୁଁ ଦେଖିଛି ସରକାର ଜନସାଧାରଣଙ୍କ ପାଇଁ ବ୍ୟାପକ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି । ହେଲେ ତାହାର ଉପଯୋଗୀତା ଠିକ୍ ଭାବେ ହେଉନାହିଁ । ଲୋକମାନେ ଖାଇପିଇ ମସ୍ତ ମୁଲା ସାଜୁଛନ୍ତି । ଯେଉଁମାନଙ୍କ ପାଇଁ ଯୋଜନା ଓ ଆଉ ଯେଉଁଥି ପାଇଁ ଋଣ ମିଳିଛି ସେଥିରେ ଲଗାଇଲେ ସିନା ବିକାଶ ହେବ ।

ମୁଁ ବି ଅନୁଭବ କଲି ଠିକ୍ ସେୟା । ଯେ ପର୍ଯ୍ୟନ୍ତ ଜନ ସଚେତନତା ନ ଆସିଛି । ସେ ପର୍ଯ୍ୟନ୍ତ ଦେଶର ବିକାଶ ହୋଇପାରିବ ନାହିଁ । ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସମ୍ବଳର ସଦୁପଯୋଗ ଦରକାର । ତାହା ସହିତ ମାନବ ସମ୍ବଳ ବିକାଶ ହେବା ଆବଶ୍ୟକ । ସେଥିପାଇଁ ଆସ ଆମେ ସମସ୍ତେ ମିଳି ମିଶି ଓଡ଼ିଶାର ଅର୍ଥନୈତିକ ବିକାଶରେ ଲାଗି ପଡ଼ିବା ।

ସକାଳ ଧ୍ୟାନର ଉପଯୋଗିତା

♦ଧ୍ୟାନ କଲେ ଉଭୟ ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ଏଇ ଅଭ୍ୟାସ କଲେ ତାହାର ସୁଫଳ ଖୁବ୍ ଶୀଘ୍ରଅ ଦେଖିବାକୁ ମିଳେ ।

♦ଶଯ୍ୟା ତ୍ୟାଗ ପରେ ଖଟ ଉପରେ ବସି ୫-୭ ମିନିଟ୍ ଧ୍ୟାନ କରିପାରିବେ । ରକ୍ତଚାପ ଓ ଅବସାଦଗ୍ରସ୍ତ ରୋଗୀ ଧ୍ୟାନ ପ୍ରତ୍ୟହ କଲେ ଏହାର ସୁଫଳ ଜାଣିପାରିବେ ।

♦ ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ । ପିଲାଠାରୁ ବୟସ୍କ ଏଇ ସରଳ ଉପାୟକୁ ନିଜ ଦୈନିକ ଜୀବନରେ ସାମିଲ କରାଇପାରିବେ । ତେବେ ପ୍ରାତଃ କାଳରେ ଧ୍ୟାନ କଲେ ତାହାର ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

♦ଧ୍ୟାନ ଏକପ୍ରକାର ଶକ୍ତି, ଏହାର ପ୍ରଭାବରେ ଉଭୟ ତନ ଓ ମନ ସୁସ୍ଥ ରହିଥାଏ । ଏବର ଯୁବପିଢ଼ି ଉପରେ କାମର ଚାପ ଖୁବ୍ ଅଧିକ । ଏସବୁକୁ ନିୟନ୍ତ୍ରଣରେ ରଖିବା ସହ ଚାପମୁକ୍ତ ଜୀବନ ଅତିବାହିତ କରିବାକୁ ଚାହୁଁଥିଲେ ଯୋଗ କଲେ ଉତ୍ତମ ପ୍ରଭାବ ଜାଣିପାରିବେ ।

୧୦ ମାସିଆ ପୁସ୍ତକ ପ୍ରେମୀ

ଶୀର୍ଷକ:- ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ; କିନ୍ତୁ ଏହା ସମ୍ପୂର୍ଣ୍ଣ ସତ । ସାଧାରଣ ଭାବେ ଛୋଟ ଶିଶୁଙ୍କର ସମୟ ଖେଳକୁଦ କିମ୍ବା ଶୋଇବାରେ କଟିଥାଏ । ପଢ଼ିବା ଭଳି କୌଣସି କଥା ସେମାନଙ୍କ ମନକୁ ବୁଝାପଡ଼ି ନଥାଏ । ଆଜିକାଲି ଶିଶୁଙ୍କ ପାଇଁ ମୋବାଇଲ୍ ସବୁକିଛି । କିନ୍ତୁ ଏବେ ସୋସିଆଲ୍ ମିଡିଆରେ ଜଣେ ୧୦ ମାସିଆ ଶିଶୁ ବିଷୟରେ ଖୁବ୍ ଚର୍ଚ୍ଚା ଚାଲିଛି । ଶୁଣିବାକୁ ମିଳୁଛି, ଏତେ କମ୍ ବୟସରେ ସେ ବହି ପଢ଼ା ଶୁଣିବାକୁ ପୂରା ପାଗଳ । ଦିନସାରା କେହି ନା କେହି ତାକୁ ବହି ପଢ଼ି ଶୁଣାଇବା ନିତାନ୍ତ ଜାରୁରୀ । କିଛି ନ ବୁଝିଲେ ବି ତାକୁ ବହି ପଢ଼ା ଶୁଣିବାରୁ କ'ଣ ମିଳୁଛି କେହି ଜାଣିପାରୁ ନାହାନ୍ତି । ହେଲେ ତା'ର ଏହି ଅଭ୍ୟାସ ପରିବାର ଲୋକଙ୍କୁ ନିୟାନ୍ତ କରିପକେଇଲାଣି । ଏହି ପୁସ୍ତକ ପ୍ରେମୀଙ୍କ ନାଁ ହେଉଛି ଏଣ୍ଟେଟ୍ । ଏଣ୍ଟେଟ୍ ଦିନରାତି କେବଳ ବହି ପଢ଼ା ଶୁଣିବାକୁ ପସନ୍ଦ କରୁଛି । ବହି ପଢ଼ା ମଝିରୁ ବନ୍ଦ କଲେ, ସେ ଜୋର୍‌ସୋର୍‌ରେ କାନ୍ଦିବାକୁ ଲାଗୁଛି । ଏଣୁ ତା' ସାମ୍ନାରେ ଅନବରତ ବହି ପଢ଼ିବାକୁ ପଡୁଛି । କେବଳ ଶୋଇବା ବ୍ୟତୀତ ଅନ୍ୟ କୌଣସି ସମୟରେ ପରିବାର ଲୋକଙ୍କୁ ଏଣ୍ଟେଟ୍ ପାଖରୁ ନିସ୍ତାର ନାହିଁ । ଖେଳକୁଦ ନକରି ସେ କେବଳ ବହି ପଢ଼ା ଶୁଣୁଛି । ତା'ର ଏହ କୌତୁକିଆ ଅଭ୍ୟାସ ଏବେ ଲୋକଙ୍କୁ ହସିବାର ଖୋରାକ୍ ତ ଯୋଗାଉଛି କିନ୍ତୁ ପରିବାର ଲୋକଙ୍କ ହୋସ୍ ଉଡ଼ାଇ ଦେଲାଣି ।

ଆତ୍ମବିଶ୍ୱାସ ବଢ଼ାଇବା ପାଇଁ

କୌଣସି କାମ କରିବା ପୂର୍ବରୁ ଆତ୍ମବିଶ୍ୱାସ ରହିବାର ନିହାତି ଜରୁରୀ । ନହେଲେ କାମଟି ସୂଚାରୁ ରୂପେ ସମ୍ପାଦିତ ହୋଇ ନଥାଏ । ଏମିତି କେତେକ ବ୍ୟକ୍ତି ବିଶେଷ ଅଛନ୍ତି ଯେଉଁମାନଙ୍କର ଆତ୍ମବିଶ୍ୱାସ ଉପରେ ଶତ ପ୍ରତିଶତ ଭରସା ନଥାଏ । ତେଣୁ ସେମାନେ କୌଣସି କାମ କରିବା ସମୟରେ ଅଯଥା କଥାକୁ ଆଶ୍ରୟ କରି ଆଗେଇ ଥାଆନ୍ତି । ଫଳରେ ସେ କରୁଥିବା କାମ ପ୍ରଭାବିତ ହୋଇଥାଏ । ନିଜର ଆତ୍ମବିଶ୍ୱାସ ବଢ଼ାଇବାର ଏକ ସହଜ ଉପାୟ ହାତ ପାଆନ୍ତାରେ ରହିଛି । ଯଦି ଜଣେ ବ୍ୟକ୍ତିର କଥାବାର୍ତ୍ତା ଶୈଳୀ ଅଧିକାଂଶ ସମୟ ସକାରାତ୍ମକ ରହେ ତେବେ ତାହାର ପ୍ରଭାବ ଆତ୍ମବିଶ୍ୱାସ ଉପରେ ପଡ଼ିଥାଏ । ଏଭଳି ତଥ୍ୟ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି । ୟୁନିଭର୍ସିଟି ଅଫ ଚିକାଗୋର ମନୋବିଜ୍ଞାନୀମାନେ ଏନେଇ ଗବେଷଣା କରିଥିଲେ । ଏହି ସମୟରେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତା (କାମ କରିବା ସମୟରେ) କିପରି ରହୁଛି ତାହା ଲକ୍ଷ୍ୟ କରା ଯାଉଥିଲା । ବିଶେଷ ଭାବରେ ଯେଉଁମାନେ ଅନ୍ୟମାନଙ୍କ ସହ ଖୁସି ମିଜାସରେ କଥାବାର୍ତ୍ତା କରୁଥିଲେ ସେମାନଙ୍କର କାମ କରିବା ପ୍ରତି ଆତ୍ମବିଶ୍ୱାସ ଅନ୍ୟମାନଙ୍କ ତୁଳନାରେ ଦୃଢ଼ ଥିବାର ଦେଖିବାକୁ ମିଳିଥିଲା । ହେଲେ ଏସବୁ ନିଜର ମାନସିକତା ଉପରେ ହିଁ ନିର୍ଭର କରିଥାଏ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ।

ବ୍ରଣରୁ ରକ୍ଷା ପାଇବାରୀ ଘରୋଇ ଉପାୟ

ଯୁବତୀମାନଙ୍କର ଏକ ପ୍ରମୁଖ ସମସ୍ୟା ହେଲା ତ୍ୱଚାରେ ବ୍ରଣ ହେବା । ବ୍ରଣ ତ୍ୱଚାର ସୌନ୍ଦର୍ଯ୍ୟକୁ ଖରାପ କରିବା ସହ ଏହାର ଦାଗ ମଧ୍ୟ ସହଜରେ ଯାଇନଥାଏ । ଏଣୁ ଏହାର ସୁନ୍ଦର ତଥା ସରଳ ଘରୋଇ ଉପଚାର ହେଲା ଶୁଦ୍ଧ ହଳଦୀକୁ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସାମିଲ କରାନ୍ତୁ ।

♦ ୧ ଚାମଚ ଶୁଦ୍ଧ ମହୁ ଓ ଅଧ ଚାମଚ ହଳଦୀକୁ ମିଶାଇ ବ୍ରଣ ଉପରେ ଲଗାନ୍ତୁ । ୧୦-୧୨ ମିନିଟ୍ ପରେ ଥଣ୍ଡା ପାଣିର ଛିଟା ମରିବେ । ନିୟମିତ ଏପରି କଲେ ବ୍ରଣ ଦୂର ହେବା ସହ ଦାଗ ମଧ୍ୟ ଦୂର ହୋଇଥାଏ ।

♦ ୧ଚାମଚ ଦହିରେ ଅଧ ଚାମଚ ହଳଦୀ ମିଶାଇ ସେହି ପ୍ୟାକକୁ ବ୍ରଣରେ ଲଗାଇବା ସହ ପୂରା ମୁହଁରେ ମଧ୍ୟ ଲଗା ଇପାରିବେ । ପ୍ୟାକ୍ ଶୁଖିବା ପରେ ଭଲ ଭାବେ ମୁହଁ ଧୋଇନିଅନ୍ତୁ । ସପ୍ତାହକୁ ୩-୪ଥର ଏପରି କରିବା ଉଚିତ ।

♦ ନିମ୍ବ ପତ୍ର ଗୁଣ୍ଡ ୨ଚାମଚରେ ୧ଚାମଚଜ ହଳଦୀ ଓ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ଭଳି କାମ କରିଥାଏ । ବ୍ରଣ ଓ ଦାଗରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଏହି ପ୍ୟାକ୍ ଲଗାଇବା ଭଲ ।

♦ ୧ବଡ଼ ଚାମଚ ଲେମ୍ବୁ ରସରେ ଅଧ ଚାମଚ ହଳଦୀ ଗୁଣ୍ଡ ମିଶାଇ ତାହାକୁ ବ୍ରଣରେ ଲଗାଇପାରିବେ । ୧୦-୧୨ ମିନିଟ୍ ପରେ ତ୍ୱଚାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ ।

♦ ବେସନ, ହଳଦୀ ତଥା ଦହି ପ୍ୟାକ୍ ମଧ୍ୟ ବ୍ରରକୁ ଦୂରେଇ ବାରେ ସାହାଯ୍ୟ କରେ । ଅନ୍ୟ ଏକ ଘରୋଇ ପ୍ୟାକ୍ ହେଲା ଚନ୍ଦନଗୁଣ୍ଡ ପାଉଡର ଓ ଚିମୁଟାଏ ହଳଦୀରେ କଞ୍ଚା ଖିର ମିଶାଇ ତ୍ୱଚାରେ ଲଗାଇପାରିବେ ।

♦ କଞ୍ଚା ଖିର ଓ ଚିମୁଟାଏ ହଳଦୀର ପ୍ୟାକ୍ ମଧ୍ୟ ବ୍ରଣ ଦାଗ ଦୂର କରିବାରେ ସହାୟକ ହୋଇଥାଏ

♦ଦୈନିକ ସ୍ନାନ ପୂବରୁ ଘିକୁଆରୀ ରସରେ ଚିମୁଟାଏ ହଳଦୀ ମିଶାଇ ପବ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ମାସେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ବ୍ରଣ ଓ ଦାଗ ଦୂର ହୋଇଥାଏ ।

ସ୍ମରଣ ଶକ୍ତି ହ୍ରାସ କରେ ଚିନ୍ତା

ଚିନ୍ତାମୁକ୍ତ ନହେଲେ ଆପଣଙ୍କ ସ୍ମରଣଶକ୍ତି ଦୁର୍ବଳ ହୋଇଯିବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ନିକଟରେ ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ ଚିନ୍ତାଗ୍ରସ୍ତ କରାଉଥିବା ହରମୋନ ସ୍ତର ଅଧିକ ବୃଦ୍ଧି ପାଇବା ଯୋଗୁଁ ମସ୍ତିଷ୍କର ରଚନାତ୍ମକ ଶକ୍ତି ଓ ସ୍ମରଣ ଶକ୍ତି ହ୍ରାସ ପାଇଥାଏ । ଏହି ଅଧ୍ୟୟନରେ ଅଧ୍ୟୟନକର୍ତ୍ତା ରବର୍ଟ ସାପୋଲ୍କି ଏକ ମୂଷା ଉପରେ ଏହି ପରୀକ୍ଷା କରିଥିଲେ । ମୂଷାଠାରେ ଦେଖାଯାଇଥିବା ଅବସାଦ ପାଇଁ ଦାୟୀ କର୍ଟିକୋଷ୍ଟେରନ ନାମକ ହରମୋନ ମାନବ ମଧ୍ୟରେ ଥିବା କର୍ଟସୋଲ ସହ ସମାନ ।

ଚମତ୍କାରରେ ପରିପୂର୍ଣ୍ଣ ମୁଣ୍ଡେଶ୍ୱରୀ ମନ୍ଦିର

ମା' ମୁଣ୍ଡେଶ୍ୱରୀଙ୍କ ମନ୍ଦିର ଭାରତର ସବୁଠୁ ପ୍ରାଚୀନ ମନ୍ଦିର ମଧ୍ୟରୁ ଅନ୍ୟତମ । ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଆଧାରରୁ ଜଣାଯାଏ, ଅନେକ ବିଦ୍ୱାନଙ୍କ ମତରେ ଏହି ମନ୍ଦିର ବିଭିନ୍ନ ପ୍ରକାରର ଚମତ୍କାରରେ ପରିପୂର୍ଣ୍ଣ । ମା' ଦୁର୍ଗା ଏବଂ ଭଗବାନ ଶିବଙ୍କୁ ସମର୍ପିତ ଏହି ମନ୍ଦିର କୈମୁର ପର୍ବତ ଉପରେ ପ୍ରାୟ ୬୦୮ ଫୁଟ୍ ଉଚ୍ଚରେ ଅବସ୍ଥିତ । ଏଠାରୁ ହସ୍ତଗତ ହୋଇଥିବା ଶିଳାଲେଖ ଅନୁସାରେ, ମନ୍ଦିରଟି ଅନେକବର୍ଷରୁ ଏଠାରେ ଦଣ୍ଡାୟମାନ ରହିଛି । ମାର୍କଣ୍ଡେୟ ପୁରାଣ ଅନୁସାରେ, ମାତା ଭଗବତୀ ଏଠାରେ ଅତ୍ୟାଚାରୀ ଅସୁର ମୁଣ୍ଡର ବଧ କରିଥିଲେ । ଏହି କାରଣରୁ ମା'ଙ୍କ ନାମ ମୁଣ୍ଡେଶ୍ୱରୀ ରହିଛି । ଶ୍ରଦ୍ଧାଳୁଙ୍କ ଅନୁସାରେ, ମା' ମୁଣ୍ଡେଶ୍ୱରୀ ରହିଛି । ଶ୍ରଦ୍ଧାଳୁଙ୍କ ଅନୁସାରେ, ମା' ମୁଣ୍ଡେଶ୍ୱରୀଙ୍କ ନିକଟରେ ଯିଏ ପବିତ୍ର ମନରେ କିଛି ଆଶା କରେ, ତାହା ନିଶ୍ଚୟ ପୂରଣ ହୁଏ । ଏଠାରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ ।

ପିତ୍ତକୋଷରେ ପଥର



ସାଧାରଣରେ ପିତ୍ତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ କୋଲେସିସ୍ ଟାଇଟ

ସତୀଗୁଡା ଜଳଭଣ୍ଡାରରେ ପକ୍ଷୀ ଗଣନା

ମାଲକାନଗିରି,୫।୧ (ନି.ପ୍ର): ମାଲକାନଗିରି ସଦର ମହକୁମା ଠାରୁ ୫ କି.ମି ଦୂରରେ ସତୀଗୁଡା ଜଳ ଭଣ୍ଡାର କ୍ଷ ସୁନୀଳ ବିସ୍ତିର୍ଣ୍ଣ ଢେଉ ଢେଉକା ଜଳ ରାଶିରେ ଜାତି ଜାତିକ ଜଳଚର ବିହଙ୍ଗଙ୍କ କାକଳୀ ଦର୍ଶକମାନଙ୍କୁ ବିମୋହିତ କରିଥାଏ । ସତୀଗୁଡା ଜଳଭଣ୍ଡାରକୁ ଲାଗି ପରିବେଶୀୟ ପର୍ଯ୍ୟଟନ ସ୍ଥଳୀ । ଏହି ଶୀତ ଋତୁରେ ପର୍ଯ୍ୟଟକଙ୍କ ଭିଡ ଜମୁଥାଏ ବଣ ଭୋଜି ପାଇଁ । ବିସ୍ତର୍ଣ୍ଣ ନୀଳ ଜଳ ରାଶିରେ ନୌକା ବିହାର ସହ ନାନା ରଙ୍ଗର ଜଳ ଚରପକ୍ଷୀଙ୍କ ସନ୍ତରଣ ଦର୍ଶକମାନଙ୍କ ଚିତକୁ ପ୍ରକୃତିକ ସୌନ୍ଦର୍ଯ୍ୟରେ ବିମୋହିତ କରୁଥାଏ । ଏଣୁ ଏଠି ଜନ ସମାଗମ ହୋଇ ଥାଏ କେବଳ ପ୍ରକୃତିକ ଅପରୂପକୁ ଉପଭୋଗ କରିବା ପାଇଁ । ଶୀତ ଋତୁର ଆଗମନ ହେଲେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଆଜି ମାଲକାନଗିରି ବନାଂଚାଳ କର୍ମଚାରୀଙ୍କ ଦ୍ୱାରା ନିକଟସ୍ଥ ସତୀଗୁଡା ଜଳ ଭଣ୍ଡାରରେ ପକ୍ଷୀଗଣନା କାର୍ଯ୍ୟ ସମାପ୍ତ ହୋଇଯାଇଛି । ପ୍ରତି ବର୍ଷ ପରି ୨୦୨୧ ଜାନୁଆରୀ ପ୍ରଥମ ସପ୍ତାହରେ ପକ୍ଷୀ ଗଣନା କାର୍ଯ୍ୟ ବନ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥାଏ । ମାଲକାନଗିରି ନିକଟସ୍ଥ ସତୀଗୁଡା ଜଳ ଭଣ୍ଡାରରେ ଏ ବର୍ଷ ୨ ହଜାର ୧୪୯ ଗୋଟି ବିଭିନ୍ନ ପ୍ରଜାତିର ପକ୍ଷୀ ଗଣନା କରାଯାଇଛି କ୍ଷ ତନ୍ମଧ୍ୟରୁ ନୂତନ ଭାବେ ଦୁଇ ଗୋଟି ପ୍ରଜାତିର ବିଦେଶାଗତ ପକ୍ଷୀ ସତୀଗୁଡା ଜଳ ଭଣ୍ଡାରରେ ଦେଖିବାକୁ ମିଳିଛି ।

ଓଡ଼ିଶା ମିଲେଟ୍ ମିଶନ ଏବଂ ମୋ ଉପକାରୀ ବଗିଚା ନୀତି ଆୟୋଗଙ୍କ ଦ୍ୱାରା ପ୍ରଶଂସିତ

ଭୁବନେଶ୍ୱର,୫।୧ (ନି.ପ୍ର): ନିତି ଆୟୋଗ, ଭାରତ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ସାଧନ କ୍ଷେତ୍ରରେ ବିଭିନ୍ନ ରାଜ୍ୟମାନେ ଆପଣେଇଥିବା ଉତ କାର୍ଯ୍ୟକ୍ରମ ସମୂଚିତ ରିପୋର୍ଟ ସ୍ୱାସ୍ଥ୍ୟ ଓ ପୋଷଣ ଅଭ୍ୟାସ ଅନ୍ତଦୃଷ୍ଟିରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆମ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ମିଲେଟ୍ ମିଶନ ଏବଂ ମୋ ଉପକାରୀ ବଗିଚା ଯୋଜନା ଯଥାର୍ଥ ଉପକ୍ରମ ଭାବେ ସ୍ଥାନିତ ହୋଇଛି । ଏହି ଦୁଇଟି ଯୋଜନା ଗର୍ଭବତୀ, ପ୍ରସୂତି ମହିଳା, କିଶୋରୀ ଏବଂ ଶିଶୁମାନଙ୍କ ଖାଦ୍ୟ ସାରଣୀରେ ବିବିଧତା ଆଣିବା ସହ ପୁଷ୍ଟି ସାଧନ କ୍ଷେତ୍ରରେ ତୃଣମୂଳ ସ୍ତରରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଛି ବୋଲି ଉଲ୍ଲେଖ କରିବା ସହ ଅନ୍ୟ ରାଜ୍ୟମାନେ ମଧ ଏହିଭଳି ଉତମ କାର୍ଯ୍ୟକ୍ରମକୁ ଆପଣେଇବା ନିମନ୍ତେ ନିତି ଆୟୋଗ ପରାମର୍ଶ ଦେଇଛନ୍ତି । ପ୍ରକାଶ ଥାଉ କି, ଓଡ଼ିଶାରେ ମାଣ୍ଡିଆ ଉତ୍ପାଦନ ବୃଦ୍ଧି ମାଧମରେ କୃଷକମାନଙ୍କୁ ବିବିଧ କୃଷି ପାଇଁ ପ୍ରୋତ୍ସାହତ କରିବା ଏବଂ ଖାଦ୍ୟରେ ମାଣ୍ଡିଆର ବହୁଳ ବ୍ୟବହାର ମାଧମରେ ପୁଷ୍ଟିସାଧନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ୨୦୧୭ ମସିହାରେ ଓଡ଼ିଶା ମିଲେଟ୍ ମିଶନ ଆରମ୍ଭ କରାଯାଇଥିଲା । ମାଣ୍ଡିଆ ଉତ୍ପାଦନ ବୃଦ୍ଧି ସହ ବଜାର ସୃଷ୍ଟି ନିମନ୍ତେ ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ଏବଂ ସାଧାରଣ ବଂଟନ ବ୍ୟବସ୍ଥାରେ ମାଣ୍ଡିଆକୁ ସାମିଲ କରିବା ନେଇ ବହୁମୁଖୀ ଯୋଜନାମାନ ମଧ ପ୍ରସ୍ତୁତ ହୋଇଥିଲା । ବର୍ତମାନ ପାଇଲଟ୍ ପ୍ରକଳ୍ପ ଭାବେ କେନ୍ଦୁଝର ଜିଲ୍ଲାରେ ୩୩୫ଟି ଅଙ୍ଗନବାଡ଼ି ଏବଂ ସୁନ୍ଦରଗଡ଼ ଜିଲ୍ଲାର ୫୪୯ଟି ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାକ୍-ବିଦ୍ୟାଳୟ ଶିଶୁମାନଙ୍କୁ ସକାଳ ଜଳଖିଆରେ ମାଣ୍ଡିଆ ଲଡୁ ଖାଇବାକୁ ଦିଆଯାଉଛି । ଅଙ୍ଗନବାଡ଼ି କେନ୍ଦ୍ରରେ ମାଣ୍ଡିଆ ଲଡୁ ବିତରଣକୁ ମଧ୍ୟ ନିତି ଆୟୋଗ ଉଚ ପ୍ରଶଂସା କରିଛନ୍ତି । ସେହିଭଳି ଗୁରୁତର ଗର୍ଭବତୀ ମହିଳା, କିଶୋରୀ ଏବଂ ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କୁ ପରିପୂରକ ପୁଷ୍ଟିସାଧନ ପାଇଁ ଅଧିକ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଦାନ ଲକ୍ଷ୍ୟରେ ମହିଳା ଓ ଶିଶୁବିକାଶ ବିଭାଗ, ଓଡ଼ିଶା ଜୀବକା ମିଶନ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସମ୍ମିଳିତ ଉଦ୍ୟମରେ ଅକ୍ଟୋବର, ୨୦୧୯ରୁ ମୋ ଉପକାରୀ ବଗିଚା ଯୋଜନା ଆରମ୍ଭ କରାଯାଇଛି । ବିଶେଷ କରି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଋତୁକାଳୀନ ପନିପରିବା ଓ ଫଳ ଆଦି ଖାଇବାକୁ ଦେଇ ସେମାନଙ୍କ ପୁଷ୍ଟିସାଧନକୁ ସୁନିଶ୍ଚିତ କରିବା ନିମନ୍ତେ ଉଦ୍ୟମ କରାଯାଇଛି । ଏପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରର ୧୭ ହଜାର ମୋ ଉପକାରୀ ବଗିଚା ସୃଷ୍ଟି କରାଯାଇଛି । ଗ୍ରାମାଂଚଳରେ ପୁଷ୍ଟିହୀନତା ଦୂରୀକରଣ ଦିଗରେ ଏହି ଯୋଜନା ଯଥେଷ୍ଟ ଫଳପ୍ରଦ ସାବ୍ୟସ୍ତ ହୋଇଛି ।

ଖଡିଆଳ ପୋଲିସ ଦ୍ୱାରା ୯୦ ଦାଦନ ଶ୍ରମିକଙ୍କ ସହ ୧୨ ଶିଶୁ ଉଦ୍ଧାର

ନୂଆପଡା,୫।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ପୋଲିସ ଦ୍ୱାରା ଆଜି ଭୋରରୁ ଖଡିଆଳ ସହର ଠାରୁ ୨ କିଲୋମିଟର ଦୂର ରାଣିପୁର ଗ୍ରାମର ବୁଦିଆ ଜଙ୍ଗଲ ଭିତରେ ଥିବା ଏକ ଢାବାରୁ ୯୦ ଜଣ ଦାଦନ ଶ୍ରମିକଙ୍କ ସହ ୧୨ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି । କୌଣସି ସୂତ୍ରରୁ ଖଡିଆଳ ପୋଲିସ ଖବର ପାଇ ଖଡିଆଳ ଏସଡିପିଓ ସନ୍ତକ ଜେନାଙ୍କ ନେତୃତ୍ୱରେ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀଙ୍କ ସହ ଏକ ଟିମ ଚଢାଉ କରି ଦାଦନ ଶ୍ରମିକ ମାନଙ୍କୁ ଉଦ୍ଧାର କରିଥିଲେ । ଦାଦନ ଦଲାଲ କୁନା ଡାଣ୍ଡି ଫେରାର ମାରିଥିବା ସୂଚନା ମିଳିଛି । ଏହି ଉଦ୍ଧାର ଦାଦନ ଶ୍ରମିକ ମାନେ ସବୁ ହେଲେ ବୋଡେନ ବ୍ଲକ ଅନ୍ତର୍ଗତ ଖିରମାଲ ଏବଂ ଲର୍କା ଗ୍ରାମର ବୋଲି ଜଣାପଡିଛି । ସେମାନଙ୍କ ମଧ୍ୟରୁ ୪୮ ଜଣ ପୁରୁଷ, ୪୨ ଜଣ ମହିଳା ଏବଂ ୧୨ ଜଣ ଛୋଟ ଶିଶୁ ରହିଛନ୍ତି । ସମସ୍ତ ଶ୍ରମିକ ହାଇଦ୍ରାବାଦକୁ ଇଟା ଗଢିବା ସକାଶେ ଯାଉଥିବା ବେଳେ ପ୍ରତି ଶ୍ରମିକ ୩୫ ହଜାର ଟଙ୍କା ବଇନା ନେଇଥିବା ସୂଚନା ମିଳିଛି । ସମସ୍ତ ଶ୍ରମିକଙ୍କୁ ଖଡିଆଳ ପୋଲିସ ଏକ ବସ ଯୋଗେ ସେମାନଙ୍କ ନିଜ ନିଜ ଗ୍ରାମକୁ ପଠାଇବାର ବ୍ୟବସ୍ଥା କରିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ନୂଆପଡା ଜିଲ୍ଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଏଠାକାର ଶ୍ରମିକ କାମଧନ୍ଧା ଅନ୍ୱେଷଣରେ ବାହାର ରାଜ୍ୟକୁ ଇଟା ଗଢିବା ସକାଶେ ଦାଦନ ଖଟିଯାଉଥିବା ବେଳେ ସେମାନେ ଅନେକ ସମୟରେ ଅକଥନୀୟ ନିର୍ଯ୍ୟାତନାର ଶିକାରରେ ପଡୁଥିବା ଅଭିଯୋଗ ହୋଇଆସୁଛି । ତଥାପି ପ୍ରଶାସନିକ କ୍ଷେତ୍ରରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯାହାଫଳରେ ଦାଦନ ସମସ୍ୟାର ସମାଧାନ ହୋଇପାରୁନାହିଁ ।

କଳା କୃଷି ଆଇନ ପ୍ରତ୍ୟାହାର, ଏମ୍.ଏସ୍.ପିରେ ଆଇନଗତ ଗ୍ୟାରେଂଟି ଓ ସହୀଦ୍ ଚାଷୀଙ୍କ ପରିବାରକୁ ୧କୋଟି ଟଙ୍କା ସହାୟତା ରାଶି ଦେବାକୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର,୫।୧ (ନି.ପ୍ର): ଦେଶର ଅଶି କୋଟିର ଉର୍ଦ୍ଧ୍ୱ କୃଷକ ପରିବାର ଓ ସାଧାରଣ ଖାଉଟିମାନଙ୍କ ହିତରେ ଆସୁ ନ ଥିବା କେନ୍ଦ୍ର ସରକାରଙ୍କ ତିନୋଟି କଳା କୃଷି ଆଇନ ତୁରନ୍ତ ପ୍ରତ୍ୟାହାର,ଏମ୍.ଏସ୍.ପିରେ ଆଇନଗତ ଗ୍ୟାରେଂଟି ସହିତ ଦିଲ୍ଲୀଚଲୋ କୃଷକ ଆନ୍ଦୋଳନରେ ପ୍ରାଣ ହରାଇଥିବା ୫୨ଜଣ ସହୀଦ୍ କୃଷକମାନଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅଧକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ ଦାବୀ କରିଛନ୍ତି। ଏହି ଆଇନ ତିନୋଟିରେ ସର୍ବନିମ୍ନ ସହାୟକ ମୂଲ୍ୟ, ମଣ୍ଡି, ଚୁକ୍ତିଭିତିକ ଚାଷ ଓ ଅତ୍ୟାବଶ୍ୟକ ସାମଗ୍ରୀ କ୍ଷେତ୍ରରେ ଚାଷୀ ଓ ଖାଉଟିଙ୍କ ସ୍ୱାର୍ଥ ପାଇଁ କିଛି ନୂତନତ୍ୱ ନ ଥିବା ବେଳେ ଏହି ଆଇନ ସମ୍ପର୍କରେ ଚାଷୀକୁଳ ବହୁ ସନ୍ଦେହ ଘେରରେ ରହିଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ୨୦୧୪ ସାଧାରଣ ନିର୍ବାଚନରେ ବିଜେପି ଦଳ ପକ୍ଷରୁ ଖୋଦ୍ ନରେନ୍ଦ୍ର ମୋଦୀ ସ୍ୱାମୀନାଥନ କମିଟି ସୁପାରିଷ କ୍ରମେ ଏମ୍.ଏସ୍.ପି ଦେଢ଼ଗୁଣା ବୃଦ୍ଧି କରାଯିବା ପାଇଁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ବେଳେ ପରବର୍ତୀ ସମୟରେ ୨୦୧୫ରେ କେନ୍ଦ୍ର ବିଜେପି ସରକାରଙ୍କ ପକ୍ଷରୁ ସୁପ୍ରିମ କୋର୍ଟରେ ଏମ୍.ଏସ୍.ପି ଦେଢ଼ ଗୁଣା ବୃଦ୍ଧି କରାଗଲେ ବଜାର ଦର ଓ ଖାଉଟିଙ୍କ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ଆଫିଡ଼େଭିଟ୍ କରିଥିବା ଏହି ନୂତନ ଆଇନ ଚାଷୀଙ୍କ ସନ୍ଦେହକୁ ଦ୍ୱିଗୁଣିତ କରିଛି। ଦେଶର ୫୦୦ରୁ ଉର୍ଦ୍ଧ୍ୱ କୃଷକ ସଂଗଠନ ଦୀର୍ଘ ୪୦ ଦିନଧରି ଦିଲ୍ଲୀରେ ଶୀତ କାକରରେ ଖୋଲା ଆକାଶ ତଳେ ଆନ୍ଦୋଳନ କରୁଥିବା ବେଳେ ସରକାର ଅବିଳମ୍ବେଏହି ଆଇନଟିର ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ କରି କେବଳ ବିଦ୍ୟୁତ ତାରିଫ୍ ବୃଦ୍ଧି ଓ କୃଷି ବର୍ଯ୍ୟବସ୍ତୁ ଜ୍ୱଳନ ଲାଗି କୃଷକଙ୍କ କଠୋର ଦଣ୍ଡ ବ୍ୟବସ୍ଥାକୁ କୋହଳ ପାଇଁ କେବଳ ରାଜି ହୋଇଛନ୍ତି। କିନ୍ତୁ ପ୍ରକୃତ ଦାବୀଟିକୁ ପୁନଃର୍ବିଚାର ନ କରି କଳେବଳେ କୌଶଳେ ତିନୋଟି କୃଷି ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ଜିଦ୍‌ରେ ଥିବା ବେଳେ ବର୍ତମାନ ଚାଷୀଙ୍କ ସହିତ ଯେଉଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ଏହା ଆମ ଦେଶର କୃଷି ଓ କୃଷକଙ୍କ ବିକାଶ କ୍ଷେତ୍ରରେ ଏକ ବିରାଟ ସମସ୍ୟା ସୃଷ୍ଟି ହେବ ବୋଲି ଅଧକ୍ଷ ଶ୍ରୀ ପଟ୍ଟନାୟକ, କାର୍ଯ୍ୟକାରୀ ଉପାଧକ୍ଷ ଶଶି ଭୂଷଣ ପାତ୍ର, ନିରଞ୍ଜନ ବେହେରା, ଯଶୋଦା ନନ୍ଦନ ସିଂହ, ନର ନାରାୟଣ ଜେନା, ବିଜୟ ସ୍ୱାଇଁ ପ୍ରମୁଖ କର୍ମକର୍ତାମାନେ ଏହାର ପ୍ରତିବାଦ କରିଛନ୍ତି।

ସାହିତ୍ୟ ଅନୁଷ୍ଠାନ ରାଜଶ୍ରୀର ନୂତନ ବର୍ଷ କବିତା ପାଠ ଉତ୍ସବ

କେନ୍ଦ୍ରାପଡ଼ା,୫।୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ କୋର ପଂଚାୟତର ସାହିତ୍ୟ ଅନୁଷ୍ଠାନ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ନୂତନ ବର୍ଷ ବନ୍ଧୁ ମିଳନ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଛୁଆଳିଆ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଭାତ କୁମାର ନାୟକ ଅଧକ୍ଷତା କରିଥିଲେ । କବି ସଂଜୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରାଜଶ୍ରୀର ସଂପାଦକ କବି ହେମନ୍ତ ଜେନା ଙ୍କ ସଂଯୋଜନା ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ ବେଦପାଠ ଓ ଲକ୍ଷ୍ମଣ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରକାଶକ ବସନ୍ତ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ହେମନ୍ତ କୁମାର ମଲିକ, ଯୁବନେତା ଅକ୍ଷୟ ତରାଇ, ରମାକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଜାତୀୟ ସମର ଶିକ୍ଷାର୍ଥୀ ପଦାତିକ ବାହିନୀରେ ନାମଲେଖା ଆରମ୍ଭ

ମାଲକାନଗିରି,୫।୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ପ୍ରଥମ ବର୍ଷ ନାମଲେଖା ପ୍ରକ୍ରିୟା ସୁଶାନ୍ତ କୁମାର ମାଝି ଏଲଟି ଏନସିସି ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଯାଇଛି । ଏହି ଅବସରରେ ବାର୍ଣ୍ଣିପୁଟ ସ୍ଥିତ ଏନସିସି କାର୍ଯ୍ୟାଳୟରୁ ସୁବେଦାର ସୁରେନ୍ଦ୍ର ସିଂ, ହାବିଲଦାର ସୁରେଶ ସିଂ, ପ୍ରବିନ୍ଦର ସିଂ ଯୋଗଦାନ କରି ମାଲକାନଗିରି ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ପାଠ ପଢିଥିବା ୨୪ ଜଣ ଛାତ୍ରଙ୍କୁ ନାମ ଲେଖିବା ପ୍ରକ୍ରିୟାରେ ମନୋନୀତ କରିଛନ୍ତି । ଏହି ଶିବିରରେ ମାଲକାନଗିରି ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗି ଯୋଗଦାନ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହିତ ମହାବିଦ୍ୟାଳୟର ମାନ, ସମ୍ମାନକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନସିସି ଅଧିକାରୀ ଡଃ. ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ସମସ୍ତ ଛାତ୍ରଙ୍କୁ ଏକତା ଏବଂ ଶୃଙ୍ଖଳା ବଜାୟ ରଖି ଦେଶ ସେବାରେ ନିୟୋଜିତ ହେବା ପାଇଁ ପରାମର୍ଶ ଦେଇଥିଲେ ।

କୋଭିଡ କଟକଣା ଭିତରେ ଗଣ ବିବାହ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା ଟାଉନ ,୫।୧ (ନି.ପ୍ର): ତ୍ରିବେଣୀ ଯୁବ ଜନକଲ୍ୟାଣ ସଂଗଠନ ଆନୁକୂଲ୍ୟରେ ପ୍ରତିବର୍ହଭଳି ଚଳିତ ବର୍ଷ ସ୍ଥାନୀୟ ବାରିପଦା ଛଉପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱାଦଶ ବାର୍ଷିକ ଗଣବିବାହ ନିମଙ୍ଗ ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଓଡିଶା ତିନି ରାଜ୍ୟର କର୍ମକର୍ତା ମାନଙ୍କ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ ନିୟମକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା, ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର କରାଯାଇ ଆଗାମୀ ୨୩ ତାରିଖରେ ପାଂଚ ଯୋଡା ବରକନ୍ୟାଙ୍କ ବିବାହ କରାଯିବାର ନିଷ୍ପତି ଗ୍ରହଣ କରାଯାଇଛି । ତ୍ରିବେଣୀ ଯୁବ ଜନକଲ୍ୟାଣ ସଂଗଠନ ବିନା ମୂଲ୍ୟରେ ଏହି ବିବାହ କାର୍ଯ୍ୟକ୍ରମ ପ୍ରତିବର୍ଷ ୨୦୧୦ରୁ ଏଯାବତ ନିରବଚ୍ଛିନ୍ନ ଭାବେ ସମ୍ପାଦନ କରି ଆସୁଛି । ଓଡିଶା ଶାଖା ବାରିପଦା ଯୁବରାଜ୍ୟର କର୍ମକର୍ତ୍ତାଙ୍କ ପ୍ରସ୍ତୁତି ବୈଠକ କଲ୍ୟାଣ ସଂଗଠନର ସଭାପତି ଚନ୍ଦ୍ରଶେଖର ଖଣ୍ଡେଲୱାଲ ଓ ସଂ'ାଷ କୁମାର ଦାସ, ସାଧାରଣ ସଂପାଦକ ଗୟାପ୍ରସାଦ ଖଣ୍ଡେଲୱାଲ, ଯୁଗ୍ମ ସଂପାଦକ ପ୍ରବୋଧ ରାଉତ ଓ ସୁଧାଂଶୁ ମହା$^{\text{ଂ}}$, କୋଷାଧକ୍ଷ ସରୋଜ କୁମାର ସାହୁ ଓ ବିଜୟ ଅଗ୍ରୱାଲ, ଉପସଭାପତି ଅ'ର୍ଯ୍ୟାମୀ କବାଟଙ୍କ ସମେତ ଅଜିତ ଭଂଜ, ନରେଶ ଖୁରାନା, ସତାରାମ ଖଣ୍ଡେଲୱାଲ, ବିବେକାନନ୍ଦ ସେଜପଜା, ରାଜେଶ କୁମାର ବେହେରା, ମନୋଜ ଦିଓ୍ୱଦୀ, ସରୋଜ ଦାସ, ଅସୀମ ଚକ୍ରବର୍ତ୍ତୀ ଏବଂ ମହିଳା ସମିତିର ସଭାନେତ୍ରୀ ମମତା ଖଣ୍ଡେଲୱାଲ ପ୍ରମୁଖଙ୍କ ସମେତ ବହୁ ସଦସ୍ୟା ଏହି ପ୍ରସ୍ତୁତି ବୈଠକରେ ଅଂଶ ଗ୍ରହଣ କରିଥିଲେ । ତତ୍ ସହିତ ପଶ୍ଚିମବଙ୍ଗ ତଥା ତ୍ରିବେଣୀ ଯୁବ କଲ୍ୟାଣ ସଂଗଠନର ସଂପାଦକ ସନାତନ ଦାସ, କୋଷାଧକ୍ଷ ଅନୁପ କୁମାର କର ପ୍ରମୁଖଙ୍କ ସମେତ ସଦସ୍ୟ ମିଥୁନ, ସୁମନ ଦାସ ପ୍ରମୁଖ ମଧ ଅଂଶ ଗ୍ରହଣ କରିଥିଲେ ।

ବିକାଶର ବିକଳ ଚିତ୍ର: ବର୍ଷ ବର୍ଷ ଜଳବନ୍ଦୀରେ ଗ୍ରାମବାସୀ

କେନ୍ଦୁଝର,୫।୧ (ନି.ପ୍ର): ରାଜ୍ୟର ବିକାଶକୁ ଆଗେଇ ନେବା ଲକ୍ଷ୍ୟରେ ରାଜ୍ୟ ସରକାର ଅନେକ ଲୋକହିତକର କାର୍ଯ୍ୟ ହାତକୁ ନେଉଥିବା ବେଳେ ଏଥିଲାଗି ଅର୍ଥର ଅଭାବ ନଥିବା କଥା ମଧ୍ୟ କହୁଛନ୍ତି । ଏହି ପରିପ୍ରେକ୍ଷିରେ ଦେଖିବାକୁ ଗଲେ ମୂଲ୍ୟବାନ ଖଣିଜ ପଦାର୍ଥ ପାଇଁ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିବା କେନ୍ଦୁଝର ଭଳି ଏକ ଧନୀ ଜିଲ୍ଲାରେ, ଅର୍ଥର ଅବଶ୍ୟ ଅଭାବ ନଥିଲେ ମଧ୍ୟ ଯେ , କୌଣସି କାରଣରୁ ହେଉନା କାହିଁକି ବିକାଶ ଯେ ଅନେକ ସମୟରେ ଏଠାରେ ବାଟବଣା ହୋଇ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟୁଥିବା କଥାକୁ ଅସ୍ୱୀକାର କରିବାର କିଛି ନାହିଁ । ଯେଉଁଥି ପାଇଁ ଜିଲ୍ଲାରେ ପାଠ ପଢିବା ପାଇଁ ଆଗ୍ରହ ରଖିଥିବା ଛୋଟ ଛୋଟ କୋମଳମତି ଛାତ୍ରମାନଙ୍କୁ ଆଜି ବି ଉଛୁଳା ନଦୀରେ ଆହୁଲା ମାରି ନଦୀ ପାର ହୋଇ ସ୍କୁଲ ଯିବାକୁ ପଡୁଥିବା ବେଳେ , ଏହି ଜିଲ୍ଲାରେ ବର୍ଷ ବର୍ଷ ଧରି ଏକ ପ୍ରକାର ଜଳବନ୍ଦୀ ଅବସ୍ଥାରେ ଜୀବନ ବିତାଉ ଥିବା ଗ୍ରାମର ଝିଅ ମାନଙ୍କୁ ବିବାହ କରିବା ପାଇଁ ଗ୍ରାମକୁ ବରପାତ୍ର ଆସୁ ନାହାଁନ୍ତି । ଶୁଦ୍ଧ ପାନୀୟ ଜଳ ପାଉ ନଥିବା ଅଧିବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଖଣିଜ ପାଣ୍ଠି ଅର୍ଥରେ ବହୁ ସଂଖ୍ୟାରେ ସୋଲାର ସିଷ୍ଟମରେ ନଳକୂପ ସ୍ଥାପନ କରାଯାଇଥିଲେ ମଧ୍ୟ ସେ ମଧ୍ୟରୁ ଅଧିକାଂଶ ସୋଲାର ନଳକୂପ ଏବେ ହିତାଧିକାରୀଙ୍କ କାମରେ ଆସୁ ନାହିଁ । କିନ୍ତୁ ଏ ସଂପର୍କରେ ଗ୍ରାମବାସୀଙ୍କ ଦୁଃଖ କେହି ଶୁଣୁ ନଥିବା ସେମାନେ କହୁଛନ୍ତି । ଅବିଶ୍ୱାସ ହେଲେ ବି ସତ୍ୟ । ସ୍ୱାଧୀନତାର ଦୀର୍ଘ ୭୩ ବର୍ଷ ପରେ ଆଜି ବି କେନ୍ଦୁଝର ଜିଲ୍ଲାରେ ଏଭଳି ଗ୍ରାମ ରହିଛି ଯେଉଁ ଗ୍ରାମର ଝିଅମାନଙ୍କୁ ବିବାହ ନିମନ୍ତେ ଗ୍ରାମକୁ ବରପାତ୍ର ଆସୁ ନାହାଁନ୍ତି । ସେମାନଙ୍କର ଏକମାତ୍ର ଭୁଲ ହେଉଛି ଯେ ଗତ ପ୍ରାୟ ୩୫ ବର୍ଷ ଗ୍ରାମବାସୀମାନେ ଏକ ପ୍ରକାର ଜଳବନ୍ଦୀ ଜୀବନ ବିତାଇ ଆସୁଛନ୍ତି । କେନ୍ଦୁଝ

ଗଣନେତୃତ୍ୱ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

କାଶ୍ମୀରର ୪ରୁ ୫ ଜିଲ୍ଲା ଏବଂ ଜାମ୍ମୁର ୨ ଜିଲ୍ଲାରେ ତାଙ୍କ ଦଳ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ଦଖଲ କରିବ ବୋଲି ସେ କହିଛନ୍ତି । ୧୨ ଅପନୀ ପାର୍ଟି ସଦସ୍ୟଙ୍କ ସହ ୨୧ ସ୍ୱାଧୀନ ସଦସ୍ୟ ରହିଥିବା ନେଇ ସେ ପ୍ରକାଶ କରିଛନ୍ତି । ତାଙ୍କ କହିବାନୁସାରେ ଶ୍ରୀନଗରରେ ଦଳର ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ନିର୍ବାଚନ ପୂର୍ବରୁ ନେସନାଲ୍ କନ୍‌ଫରେନ୍ସ ନିଜ ସପକ୍ଷରେ ନେଇଥିଲା । ସେମାନଙ୍କ ଟଙ୍କାର ଖେଳ କାଶ୍ମୀରରେ ବନ୍ଦ ହେବ ବୋଲି ଶ୍ରୀ ବୁଖାରୀ କହିଛନ୍ତି । ପିଡିପିଠାରୁ ଦୁଇଗୁଣ,ପିପୁଲସ୍ କନ୍‌ଫରେନ୍ସ ଠାରୁ ତିନିଗୁଣ ଅଧିକ ଭୋଟ ଅପ୍‌ନୀ ପାର୍ଟି ପାଇଛି । ନେସନାଲ୍ କନଫରେନ୍ସର ଟିକେଟରେ ସୋପିଆନରୁ ବିଜୟୀ ହୋଇଥିବା ଜଣେ ମହିଳା ଅପନୀ ପାର୍ଟିରେ ଯୋଗଦାନ କରିବା ପରେ ଉଭୟ ଦଳ ମଧ୍ୟରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଯାଇଛି । ସେମିତି ପ୍ରଥମଥର ରାଜନୀତିକୁ ଆସି ଅନେକ ସ୍ୱାଧୀନ ଓ ଶିକ୍ଷିତ ଯୁବପ୍ରାର୍ଥୀ ସଫଳ ହୋଇଛନ୍ତି । ପ୍ରଥମଥର ପାଇଁ ବଞ୍ଚିତ ଲୋକେ ନାଗରିକତ୍ୱ ପ୍ରମାଣପତ୍ର ଲାଭ କରି ଭୋଟ ଦେବାପରେ ଉତ୍ସବ ପାଳନ କରିବାକୁ ପ୍ରକୃତରେ ଗଣତନ୍ତ୍ରର ବିଜୟ ବୋଲି କହିବାକୁ ହେବ । ଏହି ନିର୍ବାଚନ ଗ୍ରାମାଞ୍ଚଳର ବ୍ୟାପକ ବିକାଶ ଲାଗି ରାସ୍ତା ଦେଖାଇବ । ଯେଉଁ ଦଳୀୟ ନେତାମାନେ କ୍ଷମତାର ସଂକୋଚନ ହେବା ଭୟରେ ଏହି ନିର୍ବାଚନକୁ ବର୍ଷ ବର୍ଷ ଧରି ବିରୋଧ କରି ଆସୁଥିଲେ ଏହାର ସଫଳତା ସେମାନଙ୍କ ପାଇଁ ଗୁପ୍ତୁତା ସଦୃଶ । କୋରୋନା ରୋଗର ସଂକ୍ରମଣ କାଳରେ ମଧ୍ୟ ଗଣତନ୍ତ୍ର ଯେପରି ରୋଗମୁକ୍ତ ହୋଇ ସୁସ୍ଥ ରହିବ ସେଥିପାଇଁ କେନ୍ଦ୍ର ସରକାର ଯେଉଁ ସାହସର ସହ ପଦକ୍ଷେପ ନେଇଛନ୍ତି ତାହା ପ୍ରଶଂସନୀୟ । ବାହ୍ୟ ଓ ଆଭ୍ୟନ୍ତରୀଣ ବିରୋଧ ସତ୍ତ୍ୱେ ନିର୍ବାଚନ ସଫଳତାର ସହ ସଂପନ୍ନ ହେବା ଅଧିକ ମହତ୍ତ୍ୱପୂର୍ଣ୍ଣ । ଦେଶ ବିରୋଧୀ ପାକ୍ ଓ ଚୀନା ସମର୍ଥକ ଗୋଷ୍ଠୀଙ୍କୁ ଏହି ନିର୍ବାଚନ ଆଗାମୀ ଦିନପାଇଁ ଉଚିତ ଶିକ୍ଷା ଦେବ ବୋଲି ଆଶା କରାଯାଏ ।

ଭାରତୀୟ ସମ୍ବାଦ ସେବା
ଭୁବନେଶ୍ୱର-୭୫୧୦୦୩

ପୂର୍ବତନ କଲେଜ ଅଧ୍ୟକ୍ଷାଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର,୦୫।୦୧ (ନି.ପ୍ର): ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସମଲେଶ୍ୱରୀ ବର୍ଦ୍ଧନଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସେମାବାର ତାଙ୍କର ଦେହାନ୍ତ ଖବର ପାଇବା ମାତ୍ରେ ମହାବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ବାରବାଟୀସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ପାର୍ଥିବ ଶରୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏନେଇ ମଧ୍ୟାହ୍ନରେ ମହାବିଦ୍ୟାଳୟର ସଭାକକ୍ଷରେ ଅଧ୍ୟକ୍ଷା ସୁସ୍ମିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜର ଅଧ୍ୟାପକ ଅଧ୍ୟାପିକା ଓ ବରିଷ୍ଠ କର୍ମଚାରୀମାନେ ଯୋଗଦେଇ ସ୍ୱର୍ଗତ ବର୍ଦ୍ଧନଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏନେଇ ସମସ୍ତେ ୨ମିନିଟ ନିରବ ପ୍ରାର୍ଥନା ସହ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଡିଆଇଜିଙ୍କ ସମେତ ୭ ଅଧିକାରୀଙ୍କୁ .....

ସେହିପରି କୋରାପୁଟ ନନ୍ଦପୁରର ସି.ଡି.ପି.ଓ. ଭାବରେ କାର୍ଯ୍ୟ କରୁଥିବା ବେଳେ ଶ୍ରୀମତୀ ସ୍ମିତ୍ମାରାଣୀ ମିଶ୍ରଙ୍କ ନାମରେ ଦୁଇଟି ଭିଜିଲାନ୍ସ କେସ୍ କରାଯାଇଛି । ୨୦୧୬ ରେ ୮୦ ଲକ୍ଷ ଟଙ୍କାର ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ମକଦ୍ଦମା ଦାୟର କରାଯାଇଥିବା ବେଳେ ଅକ୍ଟୋବର ୨୦୨୦ ରେ ଛତୁଆ ବିଲ୍ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟଙ୍କ ଠାରୁ ୧ ଲକ୍ଷ ୭୫ ହଜାର ଟଙ୍କା ଲାଂଚ ନେଉଥିଲା ବେଳେ ଧରା ପଡିଥିଲେ । ସେ ବର୍ତମାନ ନିଲମ୍ବିତ ଅଛନ୍ତି । ଏକାନ୍ତ ପ୍ରିୟ ନାୟକ, କମାଣ୍ଡାଂଟ ଭାବରେ ଓଡିଶା ସଶସ୍ତ୍ର ପୋଲିସ ସେବାରେ କାର୍ଯ୍ୟରତ ଥିବାବେଳେ ଦୁର୍ବ୍ୟବହାର ତଥା ତାଙ୍କର ଅଧସ୍ତନ କର୍ମଚାରୀଙ୍କୁ ମାରଧର କରିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଗୋଟିଏ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି ଏବଂ ତାଙ୍କୁ ଚାକିରୀରୁ ନିଲମ୍ବିତ କରାଯାଇଥିଲା । ଜଣେ ମଦ୍ୟପ ତଥା ଅଯୋଗ୍ୟ ଅଫିସର ଭାବରେ ତାଙ୍କ ନାମରେ ଅନେକ ଅଭିଯୋଗ ରହିଥିଲା । ଡି.ଏସ୍.ପି ଗୌତମ ମଲ୍ଲିକଙ୍କ ବିରୁଦ୍ଧରେ ଦୁଇଟି ଫୌଜଦାରୀ ମାମଲା ରୁଜୁ କରାଯାଇଥିବା ବେଳେ ତାଙ୍କୁ ମଧ୍ୟ ଚାକିରୀରୁ ନିଲମ୍ବିତ କରାଯାଇଥିଲା । ତାଙ୍କର ସାଧୁତା ଅତ୍ୟନ୍ତ ସନ୍ଦେହଜନକ ଅଟେ । ସେହିପରି ଓଡିଶା ସଶସ୍ତ୍ର ପୋଲିସ ସେବାର ଡେପୁଟି କମାଣ୍ଡାଂଟ ଭାବରେ କାର୍ଯ୍ୟ କରୁଥିବା ଦେବେନ୍ଦ୍ର ନାଥ ବେହେରାଙ୍କ ନାମରେ ଜଙ୍ଗଲରୁ କାଠ ଚୋରୀ ଅଭିଯୋଗରେ ଏକ ଫୌଜଦାରୀ ମୋକଦ୍ଦମା ରୁଜୁ କରାଯାଇଛି । ସେହିପରି ବିନା ଅନୁମତିରେ ସରକାରୀ ଗାଡିରେ ଅଧସ୍ତନ କର୍ମଚାରୀଙ୍କୁ ବ୍ୟବହାର କରି କାଠର ଚୋରା ଚାଲାଣ ଅଭିଯୋଗରେ ତାଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । କନିଷ୍ଠ ଖଣି ଅଧିକାରୀ ସତ୍ୟବ୍ରତ ରାଉତଙ୍କ ବିରୁଦ୍ଧରେ ୫ ଗୋଟି ଭିଜିଲାନ୍ସ କେସ୍ ରହିଛି । ଦାୟୀତ୍ୱରେ ଅବହେଳା ଏବଂ ଦୁର୍ବ୍ୟବହାର ଆଦି ଗୁରୁତର ଅଭିଯୋଗରେ ତାଙ୍କ ବିରୁଦ୍ଧରେ ୩ ଗୋଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କନିଷ୍ଠ ଖଣି ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡାଙ୍କ ବିରୁଦ୍ଧରେ ମଧ୍ୟ ୩ ଗୋଟି ଭିଜିଲାନ୍ସ କେସ୍ ଥିଲାବେଳେ ଦାୟୀତ୍ୱରେ ଅବହେଳା ଏବଂ ଦୁର୍ବ୍ୟବହାର ଆଦି ଗୁରୁତର ଅଭିଯୋଗରେ ତାଙ୍କ ବିରୁଦ୍ଧରେ ୩ ଗୋଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉଭୟ ବର୍ତମାନ ନିଲମ୍ବିତ ଅଛନ୍ତି । ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୩୦ ତାରିଖରେ ରାଜ୍ୟ ସରକାର ୬ ଜଣ ଅଧିକାରୀଙ୍କୁ ଚାକିରୀରୁ ବାଧ୍ୟତାମୂଳକ ଅବସର ଦେଇଥିଲେ । ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧୧୦ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ....

ଏହା ଦେଶର ସ୍ୱଚ୍ଛ ଉର୍ଜା ଭିତିଭୂମିକୁ ମଜବୁତ୍ କରିବା ଦିଗରେ ପ୍ରଭାବଶାଳୀ ପଦକ୍ଷେପ ବୋଲି ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଏହି ପାଇପଲାଇନ ପ୍ରକଳ୍ପ କେରଳ ଏବଂ କର୍ଣ୍ଣାଟକ ଲୋକଙ୍କ ପାଇଁ ଏକ ସ୍ୱଚ୍ଛ ଇନ୍ଧନ ଆଧାରିତ ବିକାଶ ଆଣିବ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଙ୍ଗାରକାମ୍ଳ କମ୍ କରିବା ତଥା ଜଳବାୟୁ ପରିବର୍ତନକୁ ହ୍ରାସ କରିବା ଦିଗରେ ପ୍ରଧାନମନ୍ତ୍ରୀ ଦୃଢ଼ ପ୍ରତିବଦ୍ଧତା ରହିଛି । ଏହି ଉଚ୍ଚାଭିଳାଷୀ ଜାତୀୟ ପ୍ରକଳ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱଚ୍ଛ ରୋଡମ୍ୟାପ ଏବଂ ସବୁଜ ମାର୍ଗ ଆପଣାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । କୋଚି-ମାଙ୍ଗାଲୁରୁ ପ୍ରାକୃତିକ ଗ୍ୟାସ ପାଇପଲାଇନ ଉଭୟ କେରଳ ଏବଂ କର୍ଣ୍ଣାଟକ ପାଇଁ ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ । ଏହା ନାଗରିକଙ୍କ ଇଜ୍ ଅଫ୍ ଲିଭିଂକୁ ସୁବିଧା ପ୍ରଦାନ କରିବ, 'ୱାନ ନେସନ, ୱାନ ଗ୍ରୀଡ଼'କୁ ଆଗେଇ ନେବା ସହ ଉର୍ଜା କ୍ଷେତ୍ରକୁ ଆତ୍ମନିର୍ଭର କରିବ । ୪୫୦ କିମି ଲମ୍ବ କୋଚି-ମାଙ୍ଗାଲୁରୁ ପ୍ରାକୃତିକ ଗ୍ୟାସ ପାଇପଲାଇନ ୩ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଗେଲ୍ ଦ୍ୱାରା ନିର୍ମିତ ହୋଇଛି । ଏହା ଦୈନିକ ୧୨ ମିଲିୟନ ମେଟ୍ରିକ ଷ୍ଟାଣ୍ଡାର୍ଡ୍ କ୍ୟୁବିକ୍ ମିଟର(ଏମଏମଏସସିଏମଡି) ପରବହନ କ୍ଷମତା ରଖୁଛି । କେରଳର କୋଚିରେ ଏଲଏନଜି ରେଜିଫିକେସନ ଟର୍ମିନାଲରୁ ପ୍ରାକୃତିକ ଗ୍ୟାସ ପରିବହନ କରିବ । ଏହା ଏର୍ନାକୁଲମ, ଥ୍ରିସୁର, ପାଲକ୍କଡ, ମାଲପୁରମ, କାଜିକୋଡେ, କନ୍ନୁର୍, କାସାରାଗୋଡ୍ ତଥା କର୍ଣ୍ଣାଟକର ମାଙ୍ଗାଲୁରୁକୁ ନିରବଚ୍ଛିନ ପରିବେଶ ସହଯୋଗୀ ଇନ୍ଧନ ଯୋଗାଇବ । ନିର୍ମାଣ ସମୟ ମଧ୍ୟରେ ଏହି ପ୍ରକଳ୍ପ ୧୨ ଲକ୍ଷ ମାନବ ଦିବସ ନିଯୁକ୍ତି ସୃଷ୍ଟି କରିଛି । କୋଚି - ମାଙ୍ଗାଲୁରୁ ପ୍ରାକୃତିକ ଗ୍ୟାସ ପାଇପଲାଇନ ସମୃଦ୍ଧ ଏବଂ ଆତ୍ମନିର୍ଭର କରିବାରେ ନୂଆ ଅଧ୍ୟାୟ ଆଣିବ । ପାଇପଲାଇନ ଦେଇ ଯାଉଥିବା ସମଗ୍ର ୧୦ଟି ଜିଲ୍ଲାର ଘର, ବାଣିଜ୍ୟିକ କେନ୍ଦ୍ର ପାଇଁ ପରିବେଶ ସହଯୋଗୀ ଓ ସୁଲଭ ଇନ୍ଧନ ପିଏନଜି ଏବଂ ପରିବହନ କ୍ଷେତ୍ର ପାଇଁ ସିଏନଜି ଯୋଗାଇବା ସଙ୍ଗେସଙ୍ଗେ ପାଇପଲାଇନ୍ ଗ୍ୟାସ ଆଧାରିତ ଶିଳ୍ପକୁ ଗତି ଦେବ । ଏହି ପାଇପଲାଇନ ପେଟ୍ରୋକେମିକାଲ ଓ ସାର କ୍ଷେତ୍ରରେ ଥିବା ଅନେକ ଶିଳ୍ପକୁ ସ୍ୱଚ୍ଛ ଏବଂ ସ୍ଥାୟୀ ଇନ୍ଧନ ପ୍ରଦାନ କରିବ ଓ ଗ୍ୟାସ ଆଧାରିତ ଶିଳ୍ପ ଗୁଡିକୁ ପ୍ରୋତ୍ସାହନ ଦେବ । କର୍ଣ୍ଣାଟକ ଏବଂ କେରଳ ଲୋକଙ୍କୁ ସାମାଜିକ-ଅର୍ଥନୈତିକ ଓ ସ୍ୱାସ୍ଥ୍ୟ ସହ ଜଡିତ ଲାଭ ଦେବ । ଦେଶର ଦକ୍ଷିଣାଂଚଳରେ ଅର୍ଥନୀତିରେ ଅଭିବୃଦ୍ଧି ହେବ ଏବଂ ନିଯୁକ୍ତି ସୃଷ୍ଟି କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କର୍ଣ୍ଣାଟକ ଏବଂ କେରଳର ରାଜ୍ୟପାଳ ବାଲୁଭାଇ ବାଲା, ଆରିଫ ମହମ୍ମଦ ଖାନ ଓ ଏହି ଦୁଇଟି ରାଜ୍ୟର ମୁଖ୍ୟମନ୍ତ୍ରୀ ବିଏସ ୟେଦୁୟୁରୋପ୍ପା, ପିନାରାୟୀ ବିଜୟନ ପ୍ରମୁଖ ଭିଡିଓ କନଫରେନ୍ସିଂରେ ସାମିଲ ହୋଇଥିଲେ ।

ଗୋଟିଏ ସେକ୍ସନରେ .....

୧୫ରୁ ୧୭ ଜିଲ୍ଲାର ଜିଲ୍ଲାପାଳ ଓ ଡିଇଙ୍କ ମିଳିତ ବୈଠକ ସରିଛି । ପ୍ରତି ଜିଲ୍ଲାର ପଦାଧିକାରୀ ଜିଲ୍ଲା ପଳେଇଲେଣି । ସେମାନେ ଜିଲ୍ଲାପାଳ ଓ ଡିଇଓ ଙ୍କ ସହ ସମନ୍ୱୟ ରକ୍ଷା କରି କାମ କରିବେ । ଶିକ୍ଷକ ଆବଶ୍ୟକତା ଥିଲେ ପୂରଣ କରିବାକୁ ଡିଇଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କାରଣ ୧ରୁ ୯ ଶ୍ରେଣୀ ଯାଏ କ୍ଲାସ ହେଉନି । ୧୦୦ ଦିନ ପାଠ ଆବଶ୍ୟକତା ରହିଛି । ରବିବାର ନ ପଢେଇଲେ, ୧୦୦ ଦିନ ହେବନି । ପିଲାମାନେ ମଧ୍ୟ ୧୦୦ ଦିନ କମ ପଢୁଥିବାରୁ ମନରେ ଦୁଃଖ ରଖିଛନ୍ତି । ବର୍ତମାନ ପିଲାଙ୍କ କୋଭିଡ ଟେଷ୍ଟ ହେବା ନିଷ୍ପତି ହୋଇନି । ସ୍ୱାସ୍ଥ୍ୟ ବିଭାଗ କହିଲେ କରିବୁ । ସିଲାବସ ୩୦ ପ୍ରତିଶତ କମିଛି । ଆଉ କମିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

୩ ମାସ ପାଇଁ ଆନ୍ଦୋଳନ ....

ନର୍ସିଂ ସ୍କିମ୍‌ରେ ଚାକିରୀ କରୁଥିବା 'ଆରବିଏସ୍‌କେ' ଷ୍ଟାଫ ନର୍ସମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ ଓ ଓପିଏସ୍‌ସି ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଠିକାଦାର ଭାବେ ନିଯୁକ୍ତି ପାଉଥିବା ନର୍ସସାମନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟରେ ଗତ ୨୭ ତାରିଖରୁ ଚାଲିଥିଲା । ତେବେ, ଗତକାଲି ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଆହ୍ୱାନକ୍ରମେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ଖୁବ୍‌ଶୀଘ୍ର ଏହି ଦାବିଗୁଡ଼ିକୁ ପୂରଣ କରାଯିବ ବୋଲି ଶ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ । ଏହି ଆଲୋଚନା ସମୟରେ ଆସୋସିଏସନର ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି, ସଭାପତି ପ୍ରତିମା ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ଜେନା, ମାଳତି ତ୍ରିପାଠୀ ଓ ଅଶ୍ୱିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଫାୟାର ପାର୍କର ....

ସବୁ କ୍ଷେତ୍ରରେ ସାରା ଭାରତରେ ଓଡ଼ିଶା ଅଗ୍ନିଶମ ବିଭାଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ବିଗତ ବର୍ଷରେ ଓଡ଼ିଶା ଅଗ୍ନିଶମ ବିଭାଗ ଆନ୍ଧ୍ର ପ୍ରଦେଶ, କେରଳ ଓ କୋଲକାତା ଯାଇ ସେଠାରେ ଉଦ୍ଧାର କାମରେ ନିୟୋଜିତ ହୋଇଛି । ଫାୟାର ପାର୍କ ଭାରତ ବର୍ଷରେ ପ୍ରଥମ ଥର ପାଇଁ ପ୍ରତିଷ୍ଠା କରାଯାଇପାରିଛି । ଏହି ପାର୍କ ଜନସାଧାରଣଙ୍କ ପାଇଁ ପ୍ରତି ଶନିବାର ଦିନ ୩ଟା ୩୦ ଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ । ସ୍କୁଲ ଓ କଲେଜ ଛାତ୍ର-ଛାତ୍ରୀଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ । ଅଗ୍ନିଶମ ବିଭାଗର ବିଭିନ କାର୍ଯ୍ୟ, ସଫଳତା ଆଦି ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ । ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ଅତିରିକ୍ତ ଶାସନ ସଚିବ, ମହାନିର୍ଦ୍ଦେଶକ, ଅଗ୍ନିଶମ ସେବା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି'), ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସାରା ରାଜ୍ୟରେ କାର୍ଯ୍ୟରତ ଅଗ୍ନିଶମ ସେବା କର୍ମଚାରୀମାନେ ଏହି ଅନ୍‌ଲାଇନ୍ ସେବା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଗାନ୍ଧୀ ବିଚାର ମଂଚର ଆଲୋଚନା ଶିବିର

ଭଦ୍ରକ,୦୫।୦୧ (ନି.ପ୍ର): ଭଦ୍ରକ ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ ଗାନ୍ଧୀ ବିଚାର ମଂଚ ପକ୍ଷରୁ ସଭାପତି ପ୍ରାଧାପିକା ଝରଣା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଗାନ୍ଧିବାଦ୍‌ର ପୁନରୁଦ୍ଧାର କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ଏଥି ସହିତ ଆସନ୍ତା ଗାନ୍ଧୀ ମହାପ୍ରୟାଣ ଦିବସକୁ କୋବିଡ଼ କଟକଣା ମଧ୍ୟରେ ପାଳନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏଥିରେ ଗାନ୍ଧିବାଦୀ ବକ୍ତାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନା ସଭା କରାଯିବାକୁ ସିଦ୍ଧାନ୍ତ ନିଆ ଯାଇଥିଲା । ବୈଠକରେ ସମ୍ପାଦକ ଶାନ୍ତନୁ କୁମାର ରାଉତ ଗତ ବର୍ଷର ଆୟବ୍ୟୟ ସିହାବ ଉପସ୍ଥାପନ କରିଥିଲେ । ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ଏ ନେଇ ସୀମକ୍ଷା କରିବା ପରେ ଏହା ଗୃହୀତ ହୋଇଥିଲା । ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ପ୍ରାଧାପକ ଲକ୍ଷ୍ମୀଧର ରାଉତ, ସମାଜସେବୀ ଅବଦୂଲ କାସିମ୍ ଖାଁ ବିଚାର ମଂଚର ନୂତନ ସଦସ୍ୟତା ଗ୍ରହଣ କରିଥିବାରୁ ସେମାନଙ୍କୁ ମଂଚ ତରଫରୁ ସ୍ୱାଗତ କରାଯାଇଥିଲା । ମହାପ୍ରୟାଣ ଦିସବରେ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ନିମନ୍ତେ ପ୍ରତିଭା ଚୟନ ପାଇଁ ଏକ ୫ଜଣିଆ କମିଟି ଗଠନ କରାଯାଇଥିଲା । ବୈଠକରେ ବାବୁଲାଲ ଦାସ, ସୁଧାକର ରାଉତ, ଏସ୍.ଏମ୍ ଫାରୁକ୍, ଉଦୟନାଥ ମହାନ୍ତି, ଅଜିତ କୁମାର ନାୟକ, ଗୀତାରାଣୀ ଆଇଚ, ଲଲାଟେନ୍ଦୁ ମହାନ୍ତି, ଡାକ୍ତର ହରେକୃଷ୍ଣ ନାୟକ, କ୍ଷୀରୋଦ କୁମାର ମିଶ୍ର, ଡ. ରାଧାରାଣୀ ମହାପାତ୍ର, ଶାନ୍ତିଲତା ନାଗ, ତପସ୍ୱିନୀ ପାଢୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ସୁଧାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଖିଳ ଭାରତ କୃଷକ ସଭା ନୀଳଗିରି ଶାଖା ପକ୍ଷରୁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ନୀଳଗିରି,୦୫।୦୧ (ନି.ପ୍ର): ନୂତନ କୃଷି ବିଧେୟକ ଓ ନୂତନ ବିଜୁଳି ଆଇନ ୨୦୨୦ ପ୍ରତ୍ୟାହାର ଦାବୀରେ ନୀଳଗିରି କୃଷକ ସଭା ପକ୍ଷରୁ ଏକ ପଦଯାତ୍ରା ବାହାରି ନୀଳଗିରି ଉପଜିଲ୍ଲାପାଳଙ୍କ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ଦୀର୍ଘ ୪୧ ଦିନ ଧରି ଦୀଲ୍ଲିରେ ଧାରଣାରେ ବସିଥିବା ଚାଷୀଙ୍କ ଦାବୀକୁ ଗ୍ରହଣ ନକରି କେନ୍ଦ୍ର ସରକାର କୃଷକ ମାନଙ୍କ ପ୍ରତି ବୈମାତୃକ ମନୋଭାବର ପ୍ରଦର୍ଶନକୁ ବିରୋଧ କୁ ସମର୍ଥନ କରି ଅଖିଳ ଭାରତ କୃଷକ ସଭା ନୀଳଗିରି ଶାଖା ପକ୍ଷରୁ ଉପଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ୨୦୧୯ ରେ ବୁଲବୁଲ କ୍ଷତିଗ୍ରସ୍ତ ଚାଷୀଙ୍କର ଇନ୍‌ପୁଟ ସବ୍‌ସିଡ ପ୍ରଦାନ, ସଠିକ ଚାଷୀଙ୍କୁ ସରକାରୀ ବିହନ, ଯନ୍ତ୍ରାଂଶ ପ୍ରଦାନ, ନୀଳଗିରିର ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ପ୍ରଶାସନିକ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଚାଷୀ ମାନେ ଏକ ବ

ବୁଧବାର,୦୬ ଜାନୁଆରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଦଳିତ ଛାତ୍ର ବୃତ୍ତିରେ ମାସିକ ହଜାରେ ଟଙ୍କା ଦିଅନ୍ତୁ ସରକାର : ନିରଞ୍ଜନ

ଭୁବନେଶ୍ୱର,୦୫।୦୧ (ନି.ପ୍ର): କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୨୦୨୧-୨୨ ବର୍ଷରୁ ଦଳିତ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ବୃତି ପ୍ରଦାନ ପାଇଁ ନିଷ୍ପତି ହୋଇଛି। କିନ୍ତୁ ଏହା ସରଳ ଦଳିତ ଛାତ୍ରଛାତ୍ରୀଙ୍କ ଦାରିଦ୍ର୍ୟ ପ୍ରତି ଉପହାସ ବୋଲି ପ୍ରେଦଶ କଂଗ୍ରସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି । ଏଥିରୁ ପ୍ରଧାନମନ୍ତ୍ରୀ ଓ ବିଜେପି ସରକାରଙ୍କର ଦଳିତ ବିରୋଧୀ ଅସଲ ଚେହେରା ପ୍ରକାଶ ପାଉଛି।

କେନ୍ଦ୍ରୀୟ ନିଷ୍ପତି ଅନୁସାରେ ଜଣେ ଦଳିତ ଛାତ୍ର ଦୈନିକ ମାତ୍ର ୪ଟଙ୍କା୯୩ପଇସା ଅର୍ଥାତ୍ ଚାହା କପ୍ ଟିଏ କିମ୍ବା ଆଳୁଚପ୍ ଟିଏର ଦାମ୍ ପାଂଚ ଟଙ୍କାରୁ କମ୍ ପାଇବ। କେନ୍ଦ୍ର କ୍ୟାବିନେଟ୍ ନିଷ୍ପତି ଅନୁସାରେ ପାଂଚ ବର୍ଷରେ ୫୯ ହଜାର କୋଟି ଟଙ୍କା ୪ କୋଟି ଦଳିତ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ବୃତି ବାବଦରେ ଖର୍ଚ୍ଚ ହେବ । ଏହା କେନ୍ଦ୍ର ଓ ରାଜ୍ୟ ୬୦ ପ୍ରତିଶତ ଏବଂ ୪୦ ପ୍ରତିଶତ ହିସାବରେ ଧାର୍ଯ୍ୟ ହୋଇଛି । ଅର୍ଥାତ୍ କେନ୍ଦ୍ରର ମୋଦି ସରକାର ୫ ବର୍ଷରେ ୪ କୋଟି ଛାତ୍ରଛାତ୍ରୀଙ୍କୁ ୩୫,୫୩୪ କୋଟି ଟଙ୍କା ଅର୍ଥରାଶି ପ୍ରଦାନ କରିବେ । ଏହାକୁ ହିସାବ କଲେ ବାର୍ଷିକ ୭,୧୦୬ କୋଟି ଅର୍ଥାତ୍ ଜଣେ ଦଳିତ ଛାତ୍ର ବା ଛାତ୍ରୀ ବାବଦରେ ବାର୍ଷିକ ୧୭୭୭ ଟଙ୍କା ପାଇବେ । ଅର୍ଥାତ୍ ମାସିକ ୧୪୮ ଟଙ୍କା ବା ଦୈନିକ ୮୪.୯୩ ପଇସା ପାଇବେ । ଏହା ଭାରତ ବର୍ଷର ସମସ୍ତ ଦଳିତଙ୍କ ପ୍ରତି ଚରମ ଉପହାସ। ତୁରନ୍ତ ପ୍ରତ୍ୟେକ ଦଳିତ ଛାତ୍ରଛାତ୍ରୀଙ୍କୁ ମାସିକ ସର୍ବନିମ୍ନ ଏକ ହଜାର ଟଙ୍କା ହିସାବରେ ବାର୍ଷିକ ବାର ହଜାର ଟଙ୍କା ନିଜସ୍ୱ ଭାବରେ କେନ୍ଦ୍ର ସରକାର ପ୍ରଦାନ କରିବାକୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶ୍ରୀ ପଟ୍ଟନାୟକ ଦାବୀ କରିଛନ୍ତି। ଏହା ବ୍ୟତୀତ ମୋଦି ସରକାର ଆଦିବାସୀ, ପଛୁଆବର୍ଗ, ସଂଖ୍ୟାଲଘୁ ଓ ସାଧାରଣ ବର୍ଗର ଗରୀବ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ବୃତି ସର୍ବନିମ୍ନ ମାସିକ ଏକ ହଜାର ଟଙ୍କା ହିସାବରେ ପ୍ରଦାନ କରନ୍ତୁ ବୋଲି ସେ କହିଛନ୍ତି।

କୋର୍ସ ଫି ଛାଡ଼ ଦାବିରେ ଏଫଏମ କଲେଜ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

ବାଲେଶ୍ୱର,୦୫।୦୧ (ନି.ପ୍ର): ମହାମାରୀ କରୋନା ଯୋଗୁଁ ସମଗ୍ର ବିଶ୍ୱରେ ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ବେଳେ କୋର୍ସ ଫି ଛାଡ଼ ପାଇଁ ଦାବି ଉଠାଇଛନ୍ତି ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରଛାତ୍ରୀମାନେ। ଏନେଇ ଛାତ୍ରଛାତ୍ରୀମାନେ ସ୍ନାତକୋତ୍ତର ବିଭାଗରୁ ଶୋଭାଯାତ୍ରାରେ ଆସି କଲେଜ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ କରିଥିଲେ। କରୋନା ଯୋଗୁଁ ସାମାଜିକ ଓ ଆର୍ଥିକ କ୍ଷେତ୍ର ଅଧିକ ପ୍ରଭାବିତ ହୋଇଥିବା ବେଳେ ସବୁବର୍ଗର ଲୋକଙ୍କ ଜୀବନଧାରଣ ମାନ ହ୍ରାସ ପାଇବାରେ ଲାଗିଛି। ଏମିତିକି କରୋନା ପ୍ରଭାବରେ ଲୋକେ ରୋଜଗାର ହରାଇବା ସହିତ ଦୈନିକ ମୁଣ୍ଡପିଛା ଆୟ କମିବାରେ ଲାଗିଛି। ଏଭଳି ସ୍ଥିତିରେ ଦୀର୍ଘଦିନ ଧରି ସ୍କୁଲ କଲେଜ ବନ୍ଦ ରହିଥିବା ବେଳେ ରାଜ୍ୟର ବହୁ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ କୋର୍ସ ଫି ଛାଡ଼ କରାଯାଉଛି। ମାତ୍ର ଏଫଏମ କଲେଜରେ ୬ମାସରୁ ଅଧିକ ସମୟ ପାଠପଢ଼ା ନ ହେଇ ମଧ୍ୟ କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ଫି ଆଦାୟ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି। ତୁରନ୍ତ କୋର୍ସ ଫି ଛାଡ଼ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଏଫଏମ କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ପ୍ରିୟବ୍ରତ ପାତ୍ର, ହିମାଂଶୁ ପଣ୍ଡା, ବିଶ୍ୱଜିତ ପାତ୍ର, ଇନ୍ଦର ଗୁପ୍ତା, ରାହୁଲ ରାଉତ, ପ୍ରତୀକ ଧଳ, ଗଣେଶ ଚନ୍ଦ୍ର ବେହେରା ପ୍ରମୁଖ ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର

ଜଳେଶ୍ୱର, ୫/୧ (ନି.ପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ କୃଷ୍ଣନଗର ଅଂଚଳରେ ମୃତ୍ୟୁଞ୍ଜୟ ପ୍ରଧାନ ନାମକ ୧୯ ବର୍ଷିୟ ଯୁବକ ଏକ ପ୍ଲାଷ୍ଟିକ୍ ଥାଳି, ଡାଟିଆ ତିଆରି କରୁଥିବା କାରଖାନାରେ କାର୍ଯ୍ୟ କରୁଥିଲେ। ତାର ଘର ଚନ୍ଦନେଶ୍ୱରର ଶ୍ୟାମାନନ୍ଦପୁର ଗ୍ରାମର ହୋଇଥିବା ବେଳେ ସେ ରଂଜନ ପ୍ରଧାନଙ୍କର ପୁଅ ବୋଲି ଜଣାଯାଇଛି । ଆଜି ଭୋର ସମୟରେ ଭଡାରେ ଥିବା ଶୋଇବା ଘରେ ସେ ନିଜ ବେକରେ ରଶି ଲଗାଇ ମୃତ୍ୟୁବରଣ କରିଥିବା ଜଣାଯାଇଛି । ଶବ ବ୍ୟବଚ୍ଛେଦ ପାଇଁ ପୁଲିସ୍ ପଠାଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ।

ହାତୀ ଉପଦ୍ରବରେ ପରିବା ଚାଷୀ ହତାଶ

କ୍ଷତିପୁରଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବାରିପଦା,୦୫।୦୧ (ନି.ପ୍ର): ୧୫ ଦିନ ଧରି ୪୫ ହାତି ପରିବା ବିଲରୁ ଯିବାର ନାମ ଧରୁ ନାହାନ୍ତି । ବନ ବିଭାଗ ହାତି ଘଉଡାଇ ନାକେଦମ । ପାଖାପାଖି ୩୦ ଜଣ ଚାଷୀଙ୍କର ଏକର ଏକର ପରିବା ଚାଷ ଉଜାଡି ଦେଲେଣି ବଣୁଆ ହାତୀପଲ । ଚାଷୀ ମାନେ ଉଜୁଡା ପରିବା କ୍ଷେତ ଦେଖି ମୁଣ୍ଡରେ ହାତ ଦେଇ ବସିଥିବା ବେଳେ, ବନ ବିଭାଗ ଏବଂ ରାଜସ୍ୱ ବିଭାଗ ଚାଷୀର କ୍ଷତିପୁରଣ ବାବଦକୁ ଚୁପ । ଏଣେ ଋଣ କରି ପରିବା ଚାଷ କରିଥିବା ୩୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଚାଷୀ ମାନେ ଆଜି ହାତି ଘଉଡେଇବା ଓ ସେମାନଙ୍କୁ ଉପଯୁକ୍ତ କ୍ଷତିପୁରଣ ଯୋଗାଇ ଦେବା ଦାବୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ତେବେ ଜିଲ୍ଲାପାଳଙ୍କୁ ଚାଷୀ ମାନେ ଦାବୀପତ୍ର ଦେବା ବେଳକୁ ଜିଲ୍ଲାପାଳ ବନ ବିଭାଗକୁ କହି ତୁରନ୍ତ ଚାଷୀ ମାନଙ୍କୁ ସେମାନଙ୍କ କ୍ଷତିପୁରଣ ଯୋଗାଇ ଦେବାର ପ୍ରତିଶୃତି ଦେବାରୁ ସାତଘଣ୍ଟା ପରେ ଧାରଣାରତ ଚାଷୀ ମାନେ ଧାରଣାରୁ ଓହରି ଯାଇ ଥିବାର ଜଣାଯାଇଛି । ସୂଚନା ମୁତାବକ ବେତନଟି ବ୍ଲକ ପାଟୁଳିପୁରା ଗ୍ରାମପଂଚାୟତର ବଡଖିରିପଦା ଓ ଖଣ୍ଡଦେଉଳା ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ପରିବା ବିଲରେ ୪୫ ରୁ ଉର୍ଦ୍ଧ୍ୱ ଝାଡଖଣ୍ଡି ହାତୀ ୧୫ ଦିନ ଧରି ପ୍ରତି ରାତିରେ ଫସଲ ଖାଇବା ସହିତ ମାଡି ଦଳି ନଷ୍ଟ କରିଦେଇଛନ୍ତି । ସେମାନେ ବନ ବିଭାଗ ପାଖରେ ବାରମ୍ବାର ଦାବୀ କଲେ ମଧ୍ୟ ନା ମିଳୁଛି ଯତିପୁରଣ ନା ହାତି ଯାଉଛନ୍ତି ପରିବା ବିଲରୁ । ଏଣୁ ଆଜି ଚାଷୀ ମାନେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ତେବେ ଯଦି ଧାର୍ଯ୍ୟ ସମୟରେ ଚାଷୀ ମାନେ କ୍ଷତିପୁରଣ ନପାଆନ୍ତି ତେବେ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି କହିଛନ୍ତି ।

ଖୁଆଡ ହସ୍‌ପିଟାଲ ନିକଟରେ ହାତୀ : ଆତଙ୍କିତ ଗ୍ରାମବାସୀ

ଜଳେଶ୍ୱର, ୫/୧ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଖୁଆଡ ହସ୍‌ପିଟାଲ ନିକଟରେ ଆଜି ଏକ ଦନ୍ତାହାତୀ ରାସ୍ତାରେ ବୁଲୁଥିବାରୁ ସ୍ଥାନୀୟ ଅଂଚଳରେ କଜୁଆଭୟ ସୃଷ୍ଟି ହୋଇଛି । ହାତୀଟି ଗୋଷ୍ଠିଖଣ୍ଡିଆ ହୋଇ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଛି । ହାତୀଟି କାହାର କିଛି କ୍ଷତି କରୁନଥିବା ବେଳେ ଆଜି ଏକ ଫାର୍ମ ହାଉସ୍ ମଧ୍ୟକୁ ପଶି ଯାଇଥିଲା । ହାତିଟି କୁଶଗଡ ରାସ୍ତାରେ ଜଂଗଲ ମୁହାଁ ହୋଇଥିବା ଜଣାଯାଇଛି । ଜଳେଶ୍ୱର ରେଂଜର ସରୋଜ ମହାନ୍ତିଙ୍କ ନିର୍ଦ୍ଦେଶରେ ରାଇବଣିଆ ଫରେଷ୍ଟର ସମୌରଂଜନ ମାଝିଙ୍କ ସହିତ ବନକର୍ମଚାରୀମାନେ ହାତୀଟିକୁ ପଶ୍ଚିମବଂଗକୁ ଘଉଡାଇବା ଲାଗି ପ୍ରୟସ ଜାରି ରଖିଛନ୍ତି । ସୂଚନା ଯୋଗ୍ୟ ରାଇବଣିଆ ଅଂଚଳରେ ହାତୀମାନେ ବାରମ୍ବାର ଆସି ଫସଲ ନଷ୍ଟ ସହିତ ଘର ଦ୍ୱାର ଭାଂଗୁଥିବାରୁ ଏହାର ସ୍ଥାୟୀ ପ୍ରତିକାର ଲାଗି ସାଧାରଣରେ ଦାବି ହେଉଛି ।

ସାବଧାନ ଫେସବୁକ ବ୍ୟବହାରକାରୀ : ଆକାଉଣ୍ଟ ଖାଲି କରି ଦେଉଛି ନ୍ୟୁଡ କଲ୍

ଭୁବନେଶ୍ୱର,୦୫।୦୧ (ନି.ପ୍ର): ଫେସବୁକରେ ଆପଣଙ୍କୁ ଆସୁଛି କି ଅଜଣା ଲୋକଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ । ତେବେ ତାକୁ ଆକ୍ସେପ୍ଟ କରିବା ଆଗରୁ ଅନେକ ଥର ଭାବି ନିଅନ୍ତୁ । କାରଣ ଏହି ଅଜଣା ଲୋକମାନେ ହିଁ ଆପଣଙ୍କୁ ବିଭିନ୍ନ ମାଧ୍ୟମରେ ଠକି ପାରନ୍ତି । ଆପଣଙ୍କ ଏହି ଅଜଣା ବନ୍ଧୁଙ୍କ ଯୋଗୁଁ ଆପଣ ବିପଦରେ ପଡିପାରନ୍ତି । ବିଭିନ୍ନ ପ୍ରକାର ପ୍ରଲୋଭନ ଓ ବ୍ଲାକମେଲିଂ କରି ସେମାନେ ଆପଣଙ୍କଠାରୁ ଲୁଟି ପାରନ୍ତି ଅନେକ ଟଙ୍କା । ଆଜିକାଲି ଫେସବୁକରେ ଅନେକ ଅଜଣା ଲୋକଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଆସିଥାଏ । ଯାହାକୁ ଆମେ ନଜଣା ନଚିହ୍ନି ମଧ୍ୟ ଆକ୍ସେପ୍ଟ କରିଥାଉ । ଆଉ ଏହାରି ମାଧ୍ୟମରେ ବନ୍ଧୁତା ବଢିଥାଏ । ଯାହାକି ଆମକୁ ପରେ ବିପଦରେ ପକାଇଥାଏ । ଏଭଳି ଲୁଟେରାଙ୍କଠାରୁ ବଞ୍ଚିବାକୁ ପୋଲିସ ତରଫରୁ ସଚେତନ ମଧ୍ୟ କରାଯାଉଛି । କେମିତି ଲୁଟନ୍ତି ଏହି ସାଇବର ଠକ ଏନେଇ ଏକ ସତର୍କମୂଳକ ବିଜ୍ଞପ୍ତି ଜାରି କରିଛି କମିଶନରେଟ ପୋଲିସ ।

ନିୟମ ଉଲ୍ଲଂଘନ ମାମଲାରେ ୧୫ ଗିରଫ

ଭୁବନେଶ୍ୱର,୦୫।୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ କରିଥିବା ବେଳେ ୭୮୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ . ୨୨,୮୨,୦୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ବୃଦ୍ଧାଶ୍ରମ ଅନ୍ତୋବସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଲେଶ୍ୱର,୦୫।୦୧ (ନି.ପ୍ର): ସହଦେବଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଚାନ୍ଦମାରୀ ପଡ଼ିଆସ୍ଥିତ 'ଅମୃତଧାରା ବୃଦ୍ଧାଶ୍ରମ'ର ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରିଛନ୍ତି। ଡା. ଲମ୍ବୋଦର ବଳ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଅନ୍ତେବାସୀ ମାନଙ୍କର ରକ୍ତଚାପ, ମଧୁମେହ ପ୍ରଭୃତି ପରୀକ୍ଷା କରିଥିଲେ। ଏଥିରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ଓ ପରାମର୍ଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଆୟୋଜକ 'ପୁନରୁତ୍ଥାନ' ସ୍ୱେଚ୍ଛାସେବୀ ସଂଗଠନର ପରମେଶ୍ୱର ବାରିକ, ରୋଗୀକଲ୍ୟାଣ ସମିତି ତରଫରୁ ସରସ୍ୱତୀ ପଣ୍ଡା, ଗୌରାଙ୍ଗ-ପାଣିଗ୍ରାହୀଙ୍କ ସମେତ ଅମୃତଧାରା ବୃଦ୍ଧାଶ୍ରମର ସ୍ୱେଚ୍ଛାସେବୀମାନେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ହସପିଟାଲର ଏତାଦୃଶ ସେବାମୂଳକ କାର୍ଯ୍ୟକୁ ସାଧାରଣରେ ଉଚ୍ଚପ୍ରଶଂସା କରାଯାଇଛି।

ବାଲେଶ୍ୱର–ଖଡଗପୁର ସେକ୍ସନକୁ ଛଅ ଲେନ କରିବାକୁ ଅନୁରୋଧ କରି ଗଡକରୀଙ୍କୁ ଭେଟିଲେ ପ୍ରତାପ ଷଡଙ୍ଗୀ

ନୂଆଦିଲ୍ଲୀ,୦୫।୦୧ (ନି.ପ୍ର): ଜାତୀୟ ରାଜପଥ ୬୦ର ବାଲେଶ୍ୱର – ଖଡଗପୁର ସେକ୍ସନକୁ ଛଅ ଲେନ କରିବାକୁ ଅନୁରୋଧ କରିବାକୁ ଅନୁରୋଧ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ଶ୍ରୀ ଷଡଙ୍ଗୀ ମଙ୍ଗଳବାର ଦିନ କେନ୍ଦ୍ର ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟି ଏ ସମ୍ପର୍କରେ ଅନୁରୋଧ କରିଛନ୍ତି । ଶ୍ରୀ ଷଡଙ୍ଗୀ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଶ୍ରୀ ଗଡକରୀ ତାଙ୍କୁ ଏହା ଉପରେ ଶୀଘ୍ର ବିଚାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହା ଦ୍ୱାରା ଭୁବନେଶ୍ୱରରୁ କୋଲକାତା ଯାଏ ଯୋଗାଯୋଗ ବ୍ୟବସ୍ଥା ଆହୁରି ଭଲ ହୋଇ ପାରିବ ବୋଲି ସେ କହିଛନ୍ତି ।

ଏସ୍‌ପିଙ୍କ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍

ଭଦ୍ରକ,୦୫।୦୧ (ନି.ପ୍ର): ଆଜି ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଗଲେ ଭଦ୍ରକ ଏସ୍‌ପି ଚରଣ ସିଂ ମୀନା । ଏସ୍‌ପିଙ୍କ କାର୍‌କୁ ଭଣ୍ଡାରିପୋଖରୀ ଛକ ନିକଟରେ ଏକ କାର ଧକ୍କା ଦେଇଥିବା ଜଣାଯାଇଛି। ଟ୍ରକକୁ ଜବତ ସହ ଡ୍ରାଇଭରଙ୍କୁ ଅଟକ ରଖିଛି ଭଣ୍ଡାରିପୋଖରୀ ପୁଲିସ୍। ସୂଚନାଯୋଗ୍ୟ, ଆଜି ସକାଳେ ଭଦ୍ରକ ଏସ୍‌ପି ଚରଣ ସିଂ ମୀନା ଭଣ୍ଡାରିପୋଖରୀ ଚେକ୍ ପୋଷ୍ଟ ନିକଟକୁ ଯାଇଥିଲେ। ସେଠାରୁ ସେ ଭଦ୍ରକ ଫେରୁଥିଲେ। ଏହି ସମୟରେ ପଛ ପଟୁ ଆସୁଥିବା ଏକ ଟ୍ରକ୍ ଏସ୍‌ପିଙ୍କ ଗାଡ଼ିକୁ ଡାହାଣ ପଟୁ ଧକ୍କା ଦେଇଥିଲା। ଏହାପରେ ଟ୍ରକଟି ଦ୍ରୁତ ଗତିରେ ପଳାଇ ଯାଉଥିବା ବେଳେ ହନୁମାନ ଛକ ନିକଟରୁ ଭଣ୍ଡାରିପୋଖରୀ ପୁଲିସ୍ ଗାଡ଼ିକୁ ଜବତ କରିଥିଲା। ଏହାପରେ ଡ୍ରାଇଭରଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି।

ଦୋକାନ ଘରକୁ ନେଇ ୨ ଭାଇ ମଧ୍ୟରେ ମାରପିଟ : ଥାନାରେ ୨ ଅଟକ

ନୀଳଗିରି,୦୫।୦୧ (ନି.ପ୍ର): ଦୋକାନ ଘରକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ହୋଇଥିବା ମାରପିଟ ଘଟଣାରେ ନୀଳଗିରି ପୋଲିସ ୨ ଜଣକୁ ଅଟକ ରଖିଥିବାର ଜଣାପଡ଼ିଛି। ସୂଚନା ଅନୁଯାୟୀ ସଜନାଗଡ଼ ବଜାରରେ ଏକ ଦୋକାନ ଘରକୁ କେନ୍ଦ୍ର କରି ସଜନାଗଡ଼ ଗ୍ରାମର ବିଶ୍ୱନାଥ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଚକ୍ରଧର ବେହେରା ଓ ରଣଜିତ ବେହେରାଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି ।

ନାବାଳକକୁ ମାଡମାରିବା ଘଟଣା : ଚାଇଲ୍ଡଲାଇନ୍ ଜଳେଶ୍ୱର ହସ୍‌ପିଟାଲରେ

ଜଳେଶ୍ୱର, ୫/୧ (ନି.ପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ପଶ୍ଚିମବାର୍ଡ ଗ୍ରାମର ସେକ୍ ଇସ୍‌ମତର ୧୩ ବର୍ଷର ନାବାଳକ ସେକ୍ ସରିଫକୁ ମାଛଚୋରୀ ଅଭିଯୋଗରେ ନିସ୍ତୁକ ମାଡମାରାଯିବା ସହ ତା ମଥାରୁ ଚୁଟି କାଟି ଦେବା ଘଟଣାରେ ଆଜି ଚାଇଲ୍ଡଲାଇନ୍ ଜଳେଶ୍ୱର ହସ୍‌ପିଟାଲରେ ପହଞ୍ଚିଛି। ଘଟଣାରୁ ପ୍ରକାଶ ପଶ୍ଚିମବାର୍ଡ ବଜାରରେ ସେକ୍ ସରିଫ ଏକ ମାଛଦୋକାନରେ କାମ କରୁଥିବା ବେଳେ ସେ ପାଖ ଦୋକାନୀକୁ ୨ଟି ମାଛ ଚୋରୀକରି ଦେଇଥିଲା । ମାଛଦୋକାନୀ ଏହା ଜାଣିପାରି ଆପୋଷ ସମାଧାନ କରିଥିଲା । ଏହି ଘଟଣାରେ ସରିଫର ପଡୋଶୀ ସେକ୍ ଅବୁଲ (୫୫), ଏସ୍‌କେ ଲାଧବ (୩୫) ଓ ସେହି ଗ୍ରାମରେ ଥିବା ଜଳେଶ୍ୱର ଥାନାର ହୋମ୍‌ଗାର୍ଡ ମିନା ବିବି(୨୫) ମିଶି ଉକ୍ତ ପିଲାକୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ ମାରି ମୁର୍ମୁଷୁ କରିଥିବା ବେଳେ ତା ମୁଣ୍ଡରୁ ଚୁଟି କାଟି ଦେଇଥିଲେ । ଏହା ଦେଖି ସ୍ଥାନୀୟ ଲୋକେ ଅଚେତ ହୋଇପଡିଥିବା ବାଳକକୁ ପ୍ରଥମେ ପଶ୍ଚିମବାର୍ଡ ଡାକ୍ତରଖାନା ଓ ପରେ ଜଳେଶ୍ୱର ଜିକେଭଙ୍କର ହସ୍‌ପିଟାଲକୁ ସ୍ଥାନାନ୍ତର କରାଇଥିଲେ । ନାବାଳକର ମା ଜଳେଶ୍ୱର ଥାନାରେ ଅଭିଯୋଗ କଲାପରେ ଚାଇଲ୍ଡଲାଇନ୍‌ର ମୁଖ୍ୟ ପ୍ରଶାନ୍ତ ନାୟକ ଆଜି ମଂଗଳବାର ଅପରାହ୍ନରେ ଜଳେଶ୍ୱର ହସ୍‌ପିଟାଲରେ ପହଞ୍ଚି ଚିକିତ୍ସାଧିନ ବାଳକର ଅବସ୍ଥା ପଚାରି ବୁଝିବା ସହିତ ତଥ୍ୟ ସଂଗ୍ରହ କରି ଫେରିଥିବା ଜଣାଯାଇଛି ।

ଆଇନମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିଜେପି ଯୁବମୋର୍ଚ୍ଚାର ଥାନା ଘେରାଓ

ବାଲେଶ୍ୱର, ୦୫।୦୧ (ନି.ପ୍ର): ମାହାଙ୍ଗାର ଡବଲ ମର୍ଡ଼ର ଘଟଣାରେ ସମସ୍ତ ଅପରାଧୀ ଗିରଫ ଓ ରାଜ୍ୟ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବିରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବାଲେଶ୍ୱରର ବିଭିନ୍ନ ଥାନା ଘେରାଓ କରାଯାଇଛି । ଏହି ପରିପ୍ରେକ୍ଷୀରେ ସଦର ନିର୍ବାଚନମଣ୍ଡଳୀର ଯୁବ ବିଜେପି ନେତା ମାନସ ଦତ୍ତଙ୍କ ନେତୃତ୍ୱରେ ସହଦେବଖୁଣ୍ଟା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଜେପି ନେତା ଶୁଭଙ୍କର ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ସିପ୍ରା ବାଜପେୟୀ, ପର୍ଶୁରାମ ବେହେରା, ସୁଜିତ୍ ଦେବ, ରଣଜିତ ପ୍ରଧାନ, ମହୁଆ ପ୍ରଧାନ, ଚିତ୍ତରଂଜନ ପଣ୍ଡା, ଗୌରାଙ୍ଗ ଦାସ, ବିକାଶ ପାଢ଼ୀ, ସ୍ରିୟା ଦାସ, କମଳା ବିନ୍ଧାଣୀ, ସୁକାନ